# ଜବରଦଖଲ ଉଚ୍ଛେଦକୁ ନେଇ ଅଡୁଆ ପରିସ୍ଥିତି

ଭଦ୍ରକ ଅଫିସ/ବନ୍ତ,୫।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ତହସିଲ କାର୍ଯ୍ୟାଳୟରେ ପଶି ଜଣେ ବ୍ୟକ୍ତି ତହସିଲଦାରଙ୍କୁ ଦୁର୍ବ୍ୟବହାର କରିବା ସହ ହତ୍ୟା ଧମକ ଦେଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ତହସିଲଦାର ଇନ୍ଦିରା ସାହୁ ବନ୍ତ ଥାନାରେ ଅଭିଯୋଗ କରିବା ସହ ଜିଲାପାଳ, ଉପଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇଛନ୍ତି। ପୋଲିସ ଏକ ମାମଲା(ନଂ. ୧୬୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ସେ ଅଫିସରେ କାର୍ଯ୍ୟରତ ଥିବାବେଳେ ୩ ଜଣ ସ୍ଥାନୀୟ ବ୍ୟକ୍ତି ଅଫିସ ଭିତରକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ହତ୍ୟା ଧମକ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ତେବେ ବନ୍ତ ବଜାରରେ ଜବରଦଖଲ ଉଚ୍ଛେଦକୁ ନେଇ ଏଭଳି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିବା ଜାଣିବାକୁ ମିଳିଛି। ଏହି ଘଟଣାରେ ସୁରକ୍ଷା ଦାବି କରି କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକମାନେ ଗୁରୁବାର ତହସିଲ ଅଫିସ ସମ୍ମୁଖରେ କଲମଛାଡ଼ ଆନ୍ଦୋଳନ କରିଥିଲେ। ଅପରପକ୍ଷରେ ଜଣେ ଆଇନଜୀବୀ, ବ୍ୟବସାୟୀ ଓ ସ୍ଥାନୀୟ ଲୋକଙ୍କୁ ତହସିଲଦାର ଦୁର୍ବ୍ୟବହାର କରିଥିବା ଥାନାରେ ପାଲଟା



କଲମଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିବା ତହସିଲ କର୍ମଚାରୀ।



ବନ୍ତ ଥାନା ସମ୍ମୁଖରେ ଲୋକେ ଧାରଣା ଦେଇଛନ୍ତି।

- ଅଫିସରେ ତହସିଲଦାରଙ୍କୁ ଦୁର୍ବ୍ୟବହାର ଅଭିଯୋଗ
- ସୁରକ୍ଷା ଦାବିରେ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ
- ପାଲଟା ଅଭିଯୋଗର ମାମଲା ରୁଜୁ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ଆଇନଜୀବୀ

ଅଭିଯୋଗ ହୋଇଛି। ହେଲେ ଏ ନେଇ ବନ୍ତ ଥାନା ପୋଲିସ ମାମଲା ରୁଜୁ କରି ନ ଥିବାରୁ ଶତାଧିକ ଲୋକ ଥାନା ଆଗରେ ଧାରଣା ଦେଇଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ବନ୍ତ ବଜାରରେ ଦୁଇ ଜଣ ମହକିଲଙ୍କର ଘର ଭାଙ୍ଗିବା ସମ୍ପର୍କରେ ତହସିଲଦାରଙ୍କୁ ସାକ୍ଷାତ କରି ଆଲୋଚନା ପାଇଁ ଜଣେ ଆଇନଜୀବୀ ବୁଧବାର ମହକିଲଙ୍କୁ ଧରି ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଆଲୋଚନା ବେଳେ ତହସିଲଦାର ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ହତ୍ୟା ଧମକ ଦେଇଥିବା ନେଇ ସେ ବୁଧବାର ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ମାତ୍ର ପୋଲିସ ମାମଲା ରୁଜୁ କରି ନ ଥିବାରୁ ଗୁରବାର ଆଇନଜୀବୀଙ୍କ ସମେତ ବନ୍ତ ବଜାରର ବ୍ୟବସାୟୀ, ସ୍ଥାନୀୟ ଲୋକେ କାର୍ଯ୍ୟାନୁଷ୍ଠାନ ଦାବିରେ ଥାନା ଆଗରେ ଧାରଣା ଦେଇଥିଲେ। ଏହାକୁ ସମର୍ଥନ ଜଣାଇ ସିପିଆଇର ଜିଲା ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ବରିଷ୍ଠ ସିପିଆଇ ନେତା ଗୋପବନ୍ଧୁ ସେଠୀ, ଜୋନ୍ ସମ୍ପାଦକ ରମେଶ ଜେନା, ନିରଞ୍ଜନ ନାୟକ, ଅଭିମନ୍ୟୁ ଜେନା ଓ କିଶୋର ବେହେରା ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ରହିଥିଲେ। ତେବେ ଏହି ଘଟଣାକୁ ନେଇ ଭଦ୍ରକର ଆଇନଜୀବୀମାନେ ଅପରାହ୍ନରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ାଙ୍କୁ ଭେଟି ତୁରନ୍ତ ଏହି ଘଟଣାରେ ମାମଲା ରୁଜୁ କରି ତଦନ୍ତ କରାଯାଉ ବୋଲି ଦାବି କରିଥିଲେ। ଅତିରିକ୍ତ ଏସ୍‌ପି ଏ ନେଇ ବନ୍ତ ଥାନାରେ ମାମଲା (ନଂ.୧୬୫/୧୯) ରୁଜୁ ହୋଇଥିବା କହିବା ପରେ ସେମାନେ ଫେରିଥିଲେ। ପ୍ରକାଶଥାଉ କି, ବିଧିବଦ୍ଧ ଭାବେ ନୋଟିସ କରା ନ ଯାଇ ବନ୍ତ ବଜାରରେ ଜବରଦଖଲ ଉଚ୍ଛେଦ କରାଯିବାକୁ ସ୍ଥାନୀୟ ବ୍ୟବସାୟୀ ଓ ଘର ମାଲିକମାନେ ବିରୋଧ କରିଛନ୍ତି। ପ୍ରଶାସନର ମନୋମୁଖୀ କାର୍ଯ୍ୟ ବିରୋଧରେ ବ୍ୟବସାୟୀମାନେ ପୃଥକ୍ ଭାବେ ଥାନାରେ ୧୦ଟି ଅଭିଯୋଗ କରିଥିବାବେଳେ ମାମଲା ରୁଜୁ ହୋଇ ନ ଥିବା ସେମାନେ କହିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଓ ବ୍ଲାକମେଲିଂ ଘଟଣା
### ଜେଲ୍ ଗଲେ ୩ ଭାଇ

**ଧାମନଗର, ୫।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଖପରପଦା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଓ ବ୍ଲାକମେଲିଂ ଘଟଣାରେ ଧୂଷୁରୀ ଥାନା ପୋଲିସ ଅଟକ ୩ ଭାଇଙ୍କୁ ଗିରଫ କରିଛି। ନାବାଳିକାଙ୍କ ମା'ଙ୍କୁ ଆକ୍ରମଣ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତଙ୍କ ଦୁଇ ବଡ଼ଭାଇଙ୍କୁ ପୋଲିସ ଗିରଫ କରିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଡାକ୍ତରୀମାଇନା କରାଯାଇ ୩ ଭାଇଙ୍କୁ ଗୁରୁବାର କୋର୍ଟ ଚାଲାଣ ପରେ ଭଦ୍ରକ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବିଚିତ୍ର ମାଝୀ, ପବିତ୍ର ମାଝୀ ଓ ମଧୁସୂଦନ ମାଝୀ। ନାବାଳିକାଙ୍କୁ ଡାକ୍ତରୀମାଇନା କରାଯିବା ସହିତ କୋର୍ଟରେ ତାଙ୍କ ବୟାନ ରେକର୍ଡ କରାଇ ତଦନ୍ତରେ ସାମିଲ କରାଯିବ ବୋଲି ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ସୂଚନା ଦେଇଛନ୍ତି।

### ଭୁଲ୍ ଇଞ୍ଜେକ୍ସନ ଯୋଗୁ ଛାତ୍ରୀଙ୍କ ଜୀବନ ଗଲା

**ବାସୁଦେବପୁର, ୫।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ବଜାରରେ ଥିବା ଏକ କ୍ଲିନିକରେ ଭୁଲ୍ ଇଞ୍ଜେକଶନ ନେଇ ଛାତ୍ରୀ ପ୍ରିୟଙ୍କା ବେହେରା(୧୧)ଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ସେ ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଧୀନ ଅନ୍ତରା ଗ୍ରାମର ପ୍ରଭାତ କୁମାର ବେହେରାଙ୍କ ଝିଅ। ଇରମ ଗ୍ରାମରେ ତାଙ୍କ ମାମୁଘରେ ରହି ପାଠ ପଢୁଥିଲେ। ତାଙ୍କୁ ଜ୍ୱର ହୋଇଥିବାରୁ ସନ୍ଧ୍ୟାରେ ଚିକିତ୍ସା ପାଇଁ ଉକ୍ତ କ୍ଲିନିକକୁ ନିଆଯାଇଥିଲା। ସେଠାରେ ଚିକିତ୍ସକ ଏକ ଇଞ୍ଜେକଶନ ଦେବା ପରେ ସେ ସଂଜ୍ଞାହୀନ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବାସୁଦେବପୁର ଥାନା ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତା ପ୍ରିୟଙ୍କାଙ୍କ ଅଜାଙ୍କ ବୟାନ ରେକର୍ଡ କରିଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୩୯/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଗୁରୁବାର ପ୍ରିୟଙ୍କାଙ୍କ ଅଜା ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭୁଲ୍ ଇଞ୍ଜେକଶନ ଯୋଗୁ ତାଙ୍କ ନାତୁଣୀଙ୍କ ମୃତ୍ୟୁ ଘଟିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତଦନ୍ତକୁ ତ୍ୱରାନ୍ୱିତ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଆଇସି ମଧୁମିତା ମହାନ୍ତି କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**ଆରଡ଼ି, ୫।୧୨ (ଡି.ଏନ.ଏ.):** ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ଖଟୁଆପାଟଣା ଗ୍ରାମରେ ଚିନ୍ତାମଣି ପଲେଇ ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ତାଙ୍କ ଘରଠାରୁ କିଛି ଦୂର ବିଲରେ ଥିବା ଏକ ବରଗଛରେ ରଶି ଦେଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ଗୁରୁବାର ଧୂଷୁରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଧୂଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨୮/୧୯) ରୁଜୁ ହୋଇଛି। ୮ ମାସ ତଳେ ଚିନ୍ତାମଣି ବିବାହ କରିଥିଲେ। ଘରୋଇ ସମସ୍ୟାରୁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି।

# ଏମ୍‌ପିଏଲ୍ କ୍ରିକେଟ: ଲେଞ୍ଜାରା ବାସୁଳି ଟିମ୍ ଚାମ୍ପିୟନ

ଧାମନଗର, ୫।୧୨ (ଡି.ଏନ.ଏ.)

ଧାମନଗର ବ୍ଲକ ମଙ୍ଗଳପୁର ଏମ୍‌ପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ତିହିଡ଼ି ବ୍ଲକ ଆରୁହା ସୁପରକିଙ୍ଗସ୍‌କୁ ହରାଇ ଧାମନଗର ବ୍ଲକ ଲେଞ୍ଜାରାର ବାସୁଳି ଟିମ୍ ଚାମ୍ପିୟନ ହୋଇଛି। ପ୍ରଥମେ ବାସୁଳି ଟିମ୍ ବ୍ୟାଟିଂ କରି ୧୫.୪ ଓଭରରେ ୬୬ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ସୁପରକିଙ୍ଗସ ୧୪.୩ ଓଭରରେ ୬୫ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଫାଇନାଲ ମ୍ୟାଚ୍‌ରେ ଶୈଳେନ୍ଦ୍ର ବେହେରା ଓ ଆଶୁତୋଷ ମଲ୍ଲିକ ଅମ୍ପାୟରିଂ, ଚନ୍ଦନ ମଲ୍ଲିକ, ଅଜିତ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ସଦାଶିବ ମଲ୍ଲିକ ଓ ପରେଶ ଦାସ ସ୍କୋରର ଭାବେ କାର୍ଯ୍ୟ ତୁଲାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ନିରଞ୍ଜନ ମଲ୍ଲିକ ଅଧ୍ୟକ୍ଷତା କରିଥିଲେ। ଅସୁରାଳି ଜିଲା ପରିଷଦଙ୍କ ପ୍ରତିନିଧି ବୈକୁଣ୍ଠନାଥ ସାହୁ, ସରପଞ୍ଚ ଗୟାଧର ନାୟକ, ଅଭିମନ୍ୟୁ ନାୟକ, ଅଜୟ ମଲ୍ଲିକ, ସନ୍ତୋଷ ସାହୁ, ଉମାଶଙ୍କର ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ପୁରସ୍କୃତ କରିଥିଲେ।

## ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

# କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି

ଭଦ୍ରକ ଅଫିସ, ୫।୧୨

ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ନିକଟରେ ଦିଲ୍ଲୀରେ କେନ୍ଦ୍ର ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ଭେଟି ଲିଖିତ ଦାବି ଉପସ୍ଥାପନ କରିଛନ୍ତି। ଏହି ଅବସରରେ ସେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠାର ଆବଶ୍ୟକତା ସମ୍ପର୍କରେ ଯୁକ୍ତି ବାଢ଼ିଛନ୍ତି। ସେ ଲୋକସଭାରେ ମଧ୍ୟ ଏହି ଦାବି ଉପସ୍ଥାପନ କରିଥିବା ଜଣାପଡ଼ିଛି। ଭଦ୍ରକ ଜିଲାବାସୀ ଓ ପଡ଼ୋଶୀ ବାଲେଶ୍ୱର, କେନ୍ଦୁଝର ଜିଲାବାସୀଙ୍କ ବୃହତ୍ ସ୍ୱାର୍ଥକୁ ଆଖି ଆଗରେ ରଖି ମେଡିକାଲ କଲେଜ ପ୍ରତିଷ୍ଠା ପ୍ରତି କେନ୍ଦ୍ର ଦୃଷ୍ଟି ଦେଉ ବୋଲି ସେ ଦାବି ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ମଧ୍ୟ ଉପସ୍ଥିତ ଥିଲେ।



କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଏମ୍‌ପି ମଞ୍ଜୁଲତା ମଣ୍ଡଳ।

# ଆବାସ ଯୋଜନାରେ ଦୁର୍ନୀତି: ତଦନ୍ତ ଆରମ୍ଭ

ପଦ୍ମପୁର, ୫।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ରାଜଘରପୋଖରୀ ପଞ୍ଚାୟତରେ ଆବାସ ଯୋଜନାରେ ଦୁର୍ନୀତି ଅଭିଯୋଗର ତଦନ୍ତ ଗୁରୁବାର ଆରମ୍ଭ ହୋଇଛି। ପୂର୍ବାହ୍ନରେ ଭାରପ୍ରାପ୍ତ ବିଡିଓ ବିଶ୍ୱନାଥ ବିଶ୍ୱାଳ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରତିକାନ୍ତ ମହନ୍ତ, ପ୍ରହ୍ଲାଦ ରଣା, ଯୋଗେନ୍ଦ୍ର ପାଣ୍ଡବ, କନିଷ୍ଠ ଯନ୍ତ୍ରୀ ଅଶୋକ ଦାସ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଖାଡ଼େଶ୍ୱର ଜେନା ପ୍ରମୁଖ ରାଜଘରପୋଖରୀଠାରେ ପହଞ୍ଚିଥିଲେ। ହିତାଧିକାରୀମାନଙ୍କ ଅଭିଯୋଗ ଅନୁଯାୟୀ ୨୦ ପରିବାରକୁ ସେମାନେ ଭେଟିବା ସହ ହିତାଧିକାରୀ ଓ ଗ୍ରାମବାସୀଙ୍କ ମତାମତ ନେଇଥିଲେ। ତଦନ୍ତ ବେଳେ ରାଜଘରପୋଖରୀ ଗ୍ରାମର ଗିରିଧାରୀ ନାୟକଙ୍କ ବଦଳରେ ଗିରିଧାରୀ ମହାନ୍ତିଙ୍କ ନାମରେ ଟଙ୍କା ଉଠାଣ, ଭୋଳାନାଥ ଦାସଙ୍କ ନାମରେ ଆସିଥିବା ଘରକୁ ତାଙ୍କ ଭ୍ରାଇଁ ତିଆରି କରିଥିବାବେଳେ ଆଉ କେତେଜଣଙ୍କ ଘର ଛାତ ପଡ଼ି ନ ଥିବା ଜଣାପଡ଼ିଛି। ଅନ୍ୟ ହିତାଧିକାରୀମାନେ ଘର ଛାତ ନ ପକାଇ ଆଜ୍‌ବେଷ୍ଟସ୍ ପକାଇଥିବାବେଳେ ଆଉ କେତେଜଣ ପୁରୁଣା ଘରକୁ ଦେଖାଇ ବିଲ୍ କରାଇ ନେଇଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ପଞ୍ଚାୟତର ଅନେକ ହିତାଧିକାରୀଙ୍କ କ୍ଷେତ୍ରରେ ଏଭଳି ଅନିୟମିତତା ହୋଇଥିବା ଅଭିଯୋଗ ଉପରେ ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ବିଡିଓ ବିଶ୍ୱାଳ କହିଛନ୍ତି।



ଅଧିକାରୀମାନେ ରାଜଘରପୋଖରୀ ପଞ୍ଚାୟତରେ ତଦନ୍ତ କରୁଛନ୍ତି।

# ସମବାୟ ସମିତି ସମ୍ପାଦକ, ସହସମ୍ପାଦକ ବହିଷ୍କୃତ

ବନ୍ତ, ୫।୧୨ (ସ୍ୱ.ପ୍ର.)

**ଆର୍ଥିକ ଅନିୟମିତତା ଅଭିଯୋଗ**

ଆର୍ଥିକ ଅନିୟମିତତା ଅଭିଯୋଗରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ କେନ୍ଦୁଆପଦା ସେବା ସମବାୟ ସମିତିର ସମ୍ପାଦକ କାର୍ତ୍ତିକ ଘଡ଼େଇ ଓ ସହସମ୍ପାଦକ ନାରାୟଣ ଚନ୍ଦ୍ର ଯେନାଙ୍କୁ ବହିଷ୍କୃତ କରାଯାଇଛି। ପ୍ରକାଶ ଯେ, ଏହି ସମିତିର ସମ୍ପାଦକ ୧୪,୮୦୦, ସହସମ୍ପାଦକ ୧୦,୧୦୦ ଓ ପିଅନ ୮,୦୦୦ ଟଙ୍କା ମାସିକ ଦରମା ୨୦୧୭ ମସିହା ପର୍ଯ୍ୟନ୍ତ ନେଉଥିଲେ। ଦରମା ବଢ଼ାଇବା ବିଷୟରେ ସମିତିର ବୈଠକରେ ଆଲୋଚନା ନ କରି କିମ୍ବା ବଜେଟରେ ବ୍ୟବସ୍ଥା ନ କରାଇ ଚଞ୍ଚକତା କରି ବାର୍ଷିକ ସାଧାରଣ ସଭା ବହିରେ ଲିପିବଦ୍ଧ କରି ବର୍ଦ୍ଧିତ ଦରମା ନେଇଛନ୍ତି। ୧।୪।୨୦୧୮ଠାରୁ ବର୍ଦ୍ଧିତ ଦରମା ଭାବେ ସମ୍ପାଦକଙ୍କ ୧୨୦୦, ସହସମ୍ପାଦକଙ୍କ ୩୯୦୦ ଓ ପିଅନଙ୍କ ୨୦୦୦ ଟଙ୍କା ବେଆଇନ ଭାବେ କ୍ୟାଶ ବହିରେ ଲିପିବଦ୍ଧ କରି ତା ୩୧।୩।୧୯ ରିଖରେ ଏରିୟର ବାବଦକୁ ମୋଟ ୮୫,୨୦୦ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଥିଲା। ଦୈନିକ କାରବାରରେ ସମ୍ପାଦକଙ୍କ ଦସ୍ତଖତ ନ ରହିବା, ଚାକିରି ସର୍ତ୍ତାବଳୀ ପୂରଣ ନ କରିବା, ସମିତିର ଅନ୍ୟ ସମସ୍ତ ଖର୍ଚ୍ଚକୁ ସଭାପତିଙ୍କଠାରୁ ପାସ୍ ନ କରାଇ ମନମୁଖି ଖର୍ଚ୍ଚ କରିବା ଆଦି ଅନିୟମିତତା ବିଷୟରେ ସଭାପତି ଜୟନ୍ତ ସାମଲଙ୍କ ସମେତ ୮ ଜଣ ନିର୍ବାଚିତ ସଭ୍ୟ ଭଦ୍ରକ ଏଆର୍‌ସିଏସ୍ ଓ ସମସ୍ତ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଗତ ଅକ୍ଟୋବର ୨୮ରେ ଲିଖିତ ଭାବେ ଅବଗତ କରାଇଥିଲେ। ପରେ ସମିତି ସମୂହର ନିବନ୍ଧକ ଚିଠି ନଂ. ୩୮୮, ଗତ ୨୭ରେ ଶୁଣାଣି କରି ଆର୍ଥିକ ଅନିୟମିତତା ହୋଇଥିବା ଜଣାଇଥିଲେ। ଭୁବନେଶ୍ୱର ରେଜିଷ୍ଟ୍ରାର କୋ ଅପରେଟିଭ ସୋସାଇଟି ମେମୋ ନଂ. ୨୮୫୮ ଏବଂ ବୋର୍ଡ ବୈଠକ ପ୍ରସ୍ତାବ ନଂ.୨ ଅନୁସାରେ ଭାରପ୍ରାପ୍ତ ସମ୍ପାଦକ ଓ ସହସମ୍ପାଦକଙ୍କୁ କାର୍ଯ୍ୟରୁ ଅନ୍ତର କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମିତିର ଅର୍ଡର ନଂ.୧୦ ଓ ୧୬ ଅନୁଯାୟୀ ଉଭୟଙ୍କୁ ବହିଷ୍କୃତ କରାଯାଇଛି।

# ସାରଦା ଦେବୀଙ୍କ ଆଗମନୀ ଉତ୍ସବ

ଧାମନଗର, ୫।୧୨ (ଡି.ଏନ.ଏ.)

ଧାମନଗର ବ୍ଲକ କୋଠାର ରାମକୃଷ୍ଣ ମିଶନ ପରିସରରେ ଗୁରୁବାର ଶ୍ରୀଶ୍ରୀ ମା' ସାରଦା ଦେବୀଙ୍କ ଆଗମନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୦୮ କଳସ ଶୋଭାଯାତ୍ରା, ପାଲିଙ୍କି ଶୋଭାଯାତ୍ରାରେ କୋଠାର ବଜାର ଓ ଗ୍ରାମ ପରିକ୍ରମା କରାଯାଇଥିଲା। ବାଲେଶ୍ୱର ଶିକ୍ଷା ସେବାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଯୋଗ କରିବା, ନୀରୋଗ ରହିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଟକ ରାମକୃଷ୍ଣ ମିଶନ ସମ୍ପାଦକ ଶ୍ରୀମହସ୍ୱାମୀ ବୁଧନାଆନନ୍ଦଜୀ ମହାରାଜଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡ. ବ୍ରଜମୋହନ ମିଶ୍ର ଓ ମୁଖ୍ୟବକ୍ତା ଭାବେ ଭଦ୍ରକ ସାରଦା ବିହାର ଟ୍ରଷ୍ଟର ସୁମିତ୍ରା ଜେନା ଯୋଗ ଦେଇଥିଲେ। ଅଧ୍ୟାପକ ଶ୍ରୀଧର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପିକା ମନୋରମା ନାୟକ ଅତିଥି ପରିଚୟ ଓ ଶିକ୍ଷକ ପଞ୍ଚାନନ ସାହୁ ଧନ୍ୟବାଦ ଦେଇଥିଲେ। କୋଠାର ରାମକୃଷ୍ଣ ମିଶନ ସମ୍ପାଦକ ଶ୍ରୀମଦ ସ୍ୱାମୀ ଦେବେଶାନନ୍ଦଜୀ ମହାରାଜଙ୍କ ପରିଚାଳନାରେ ଭରତ ମହାରାଜ, ସରପଞ୍ଚ ଡା. ନିମାଇଁ ନାୟକ, ନଳିନୀ ବେହେରା, ଗୌରୀରାଣୀ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅପରାହ୍ନରେ ୨୫୦ ଗରିବ ଲୋକଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରେ ସାମିଲ ହୋଇଥିବା ମହିଳାମାନେ।

# ସୁରକ୍ଷା ଦାବି କଲେ ମହିଳା

ଭଦ୍ରକ ଅଫିସ, ୫।୧୨

ସାରା ଦେଶ ଓ ରାଜ୍ୟରେ ଭୁଶୁଡ଼ି ପଡ଼ିଛି ଶାସନ ବ୍ୟବସ୍ଥା। ପ୍ରତିଦିନ ରାଜ୍ୟ ସମେତ ସାରା ଦେଶରେ ନାରୀ ନିର୍ଯାତନା ଓ ଗଣବଳାତ୍କାର ଭଳି ଅପରାଧ ଘଟଣା ଘଟି ଚାଲିଛି। ରକ୍ଷକ ସାଜିଛନ୍ତି ଭକ୍ଷକ। ଏହିଭଳି ଅନେକ ସମାଲୋଚନା କରି ମହିଳାଙ୍କ ସୁରକ୍ଷା ଦାବିରେ ଅଖିଳ ଭାରତ ପ୍ରଗତିଶୀଳ ମହିଳା ସମିତିର ଭଦ୍ରକ କମିଟି ପକ୍ଷରୁ ଗୁରୁବାର ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସମ୍ପାଦିକା ଜୟନ୍ତୀ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ସୁରକ୍ଷା ପାଇଁ ଦାବି ଉଠାଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେମାନେ ଦାବି କରିଥିଲେ। ସିପିଆଇ(ଏମ୍-ଏଲ୍)ର ଜିଲା ସମ୍ପାଦକ ସମର ବଳ, ଛାତ୍ରନେତା ପ୍ରତାପ ନାୟକ, ରାଧିକା ଜେନା, ବାସନ୍ତୀ ଯେନା, ସାବିତ୍ରୀ ଯେନା, କିଶୋର ଯେନା, ମଞ୍ଜୁଲତା ଯେନା, କୁମୁଦିନୀ ଯେନା, ଜନକୀ ଯେନା, ପ୍ରଣତି ନାୟକ, ଝରଣା ଯେନା, ଜଗନ୍ନାଥ ରଥ, ପ୍ରତିମା ଯେନା, ପଦ୍ମିନୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଫସଲ ବୀମାଟଙ୍କାରୁ ବଞ୍ଚିତ ଚାଷୀଙ୍କ ଧାରଣା

**ଧାମନଗର, ୫।୧୨ (ଡି.ଏନ.ଏ.):** ଧାମନଗର ସେବା ସମବାୟ ସମିତି ଅଧୀନ ଜୟନଗର ମୌଜାର ଚାଷୀମାନେ ଫସଲ ବୀମାଟଙ୍କାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ସେମାନେ ସମିତି ଆଗରେ ଗୁରୁବାର ଧାରଣା ଦେଇଥିଲେ। ୨୦୧୮-୧୯ରେ ଉକ୍ତ ସମବାୟ ଅଧୀନରେ ଫସଲବୀମା ରାଶି କମ୍ କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିଥିବା ବେଳେ ଜୟନଗର ଚାଷୀଙ୍କୁ ବାଦ୍ ଦିଆଯାଇଥିବାରୁ ଆକଳନ ସମୟରେ ପାତରଅନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଜୟନଗର ମୌଜାଠାରୁ କମ୍ କ୍ଷତି ହୋଇଥିବା ତାଳପଦା ମୌଜାର ଚାଷୀଙ୍କୁ ବୀମାରାଶି ପ୍ରଦାନ କରାଯାଇଥିବା ଜାଣିବାକୁ ମିଳିଛି। ଜୟନଗର ମୌଜା କିପରି ବାଦ୍ ପଡ଼ିଲା ବୋଲି ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ବିଭାଗ ଏଥିପ୍ରତି ଦୃଷ୍ଟି ନ ଦେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ୧୮ରୁ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ

ଭଦ୍ରକ ଅଫିସ,୫।୧୨

ଭଦ୍ରକରେ ଆସନ୍ତା ୧୮ତାରିଖରୁ ୨୫ତମ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଆରମ୍ଭ ହେବ। ୨୧ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହୋତ୍ସବକୁ ଲୋକାଭିମୁଖୀ ଓ ସୁପରିଚାଳନା କରିବା ନେଇ ବିଭିନ୍ନ ଆଲୋଚନା କରାଯାଇଥିଲା। ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ରାଜ୍ୟର ସମସ୍ତ ଜିଲାରୁ ପ୍ରାୟ ୧୬ ଶହ ପ୍ରତିଯୋଗୀ ଏହି ମହୋତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ମୋଟ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଆଗନ୍ତୁକ ପ୍ରତିଯୋଗୀମାନଙ୍କୁ କେଉଁଠି ରଖାଯିବ, କିଭଳି ସୁରକ୍ଷା ଦିଆଯିବ ଓ କେଉଁ ସ୍ଥାନରେ କେଉଁ ପ୍ରତିଯୋଗିତା ହେବ ସେ ସମ୍ପର୍କରେ କୁହାଯାଇଥିଲା। ଲୋକନୃତ୍ୟ, ଲୋକସଙ୍ଗୀତ, ଏକାଙ୍କିକା, ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଓ ବାଦ୍ୟ ଭଳି ବିଭିନ୍ନ ପ୍ରତିଯୋଗିତା ରହିଛି। ନେହେରୁ ଷ୍ଟାଡିୟମ, ଶହୀଦ ସ୍ମୃତି ଭବନ ଓ ସଂସ୍କୃତି ଭବନରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତ୍ୟହ ସନ୍ଧ୍ୟାରେ ନେହେରୁ ଷ୍ଟାଡିୟମରେ ଓଲିଉଡ ଓ ବଲିଉଡର କଳାକାରଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ।

ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ପୀତାମ୍ବର ସାମଲ, ଜିଲା ସଂସ୍କୃତି ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ମନୋଜ ଦାସ, ସହାୟକ ଜିଲାପାଳ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଯୁବ ମହୋତ୍ସବକୁ ନେଇ ପୂର୍ବାହ୍ନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମହୋତ୍ସବର ସ୍ମୃତି ଚିହ୍ନ(ଲୋଗୋ) ଉନ୍ମୋଚନ କରାଯାଇଥିଲା। ଭାରପ୍ରାପ୍ତ ଜିଲାପାଳ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଧାୟକ ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ବିଷ୍ଣୁବ୍ରତ ରାଉତରାୟ, ଏମ୍‌ପିଙ୍କ ପ୍ରତିନିଧି ମଳୟ ଜେନା, ଜିଲାପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୈଳାସ ଚନ୍ଦ୍ର ପରିଡ଼ା, ଉପଜିଲାପାଳ ସାମଲଙ୍କ ସମେତ ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।




ପ୍ରସ୍ତୁତି ବୈଠକରେ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ ଲୋଗୋ ଉନ୍ମୋଚନ କରାଯାଉଛି।

# ବିଭିନ୍ନ ସମସ୍ୟା ନେଇ ଚାଷୀଙ୍କ ବିକ୍ଷୋଭ

ଭଦ୍ରକ ଅଫିସ, ୫।୧୨

ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ନବନିର୍ମାଣ କୃଷକ ସଙ୍ଗଠନର ଭଦ୍ରକ ଜିଲା ଶାଖା ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସଙ୍ଗଠନ ପକ୍ଷରୁ ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ବୁଲ୍‌ବୁଲ୍ ବାତ୍ୟାରେ ଜିଲାର ସମସ୍ତ ବ୍ଲକର କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି କ୍ଷତିପୂରଣ ପ୍ରଦାନ, ଗତବର୍ଷ ଧାନ ବିକ୍ରି କରିଥିବା ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ, ଚଳିତବର୍ଷ ଚାଷୀଙ୍କୁ ଏକ ସପ୍ତାହ ମଧ୍ୟରେ ଧାନ ବିକ୍ରି ଟଙ୍କା ପ୍ରଦାନ, ମଣ୍ଡିରେ ଧାନ ବିକ୍ରି ସମୟରେ କୋହଳ ମନୋଭାବ, ଚାଷୀଙ୍କ ଜମିକୁ ଜଳସେଚିତ କରାଇବା ପାଇଁ କେନାଲ, କାଡ଼ାନାଳ ଓ ଡ୍ରେନେଜ୍ ବ୍ୟବସ୍ଥା ଉପଯୁକ୍ତ ସ୍ଥାନରେ ଯୋଗାଇବା ଆଦି ଦାବି ଉଲ୍ଲେଖ କରାଯାଇଛି। କୃଷକନେତା ହୃଦାନନ୍ଦ ରାଉତ, ତ୍ରିଲୋଚନ ପଣ୍ଡା, ସତ୍ୟରଞ୍ଜନ ନାୟକ, ଗଗନ ବିହାରୀ ମହାପାତ୍ର, ଦେବେନ୍ଦ୍ର ବାରିକ, ବିଜୟ ଭୂଷଣ ନାୟକଙ୍କ ସମେତ ବିଭିନ୍ନ ବ୍ଲକରୁ ଆସିଥିବା ଶତାଧିକ ଚାଷୀ ବିକ୍ଷୋଭରେ ସାମିଲ ଥିଲେ।



ଭାରପ୍ରାପ୍ତ ଜିଲାପାଳ(ବାମରୁ ପ୍ରଥମ) ଚାଷୀମାନଙ୍କ ସହ ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ନିଆଁ ଲାଗି ସ୍କୁଟି, ସାଇକେଲ ସହ ଆସବାବପତ୍ର ପୋଡ଼ିଗଲା

**ଔପଦା, ୫।୧୨(ଡି.ଏନ.ଏ.)** ଔପଦା ବ୍ଲକ ଗଡସାହି ପଞ୍ଚାୟତର କୁସୁବଦାସପୁର ଗ୍ରାମରେ ରମାକାନ୍ତ ବେହେରାଙ୍କ ଘରେ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ଏକ ସ୍କୁଟି, ୨ଟି ସାଇକେଲ, ୩ କୁଇଣ୍ଟାଲ ଚାଉଳ ଏବଂ ବିଭିନ୍ନ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଔପଦା ଦମକଳ ବାହିନୀ ପହଞ୍ଚିଲା ବେଳକୁ ସବୁ ପୋଡିଯାଇଥିଲା। ଏନେଇ ଗୁରୁବାର ରମାକାନ୍ତ ଔପଦା ତହସିଲରେ ଲିଖିତ ଅଭିଯୋଗ ଦେବା ପରେ ସ୍ଥାନୀୟ ଆରଆଇ ଟିଙ୍କେସ ସେନାପତି ଯାଇ ତଦନ୍ତ କରିଛନ୍ତି।

### ଡ୍ରେନ୍‌ରୁ ମୃତ ନବଜାତ ଶିଶୁ ଉଦ୍ଧାର

**ଖଇରା, ୫।୧୨(ଡି.ଏନ.ଏ.):** ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଛପଟ ଡ୍ରେନରେ ଗୁରୁବାର ସକାଳେ ଏକ ନବଜାତ ଶିଶୁର ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଖଇରା ପୋଲିସ ଏହାକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ସୋର ପଠାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଟି ଜନ୍ମ ହୋଇ ମୃତ୍ୟୁବରଣ କରିବା ପରେ ତାକୁ ଡ୍ରେନରେ ଫିଙ୍ଗିଦିଆଯାଇଥିବା ସ୍ଥାନୀୟ ବ୍ୟବସାୟୀ ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଏନୋଲା ଜଗଦେବ ଏହାକୁ ଅସ୍ୱୀକାର କରିବା ସହ ଏଭଳି କାର୍ଯ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋଇ ନ ଥିବା କହିଛନ୍ତି।

### ମୃତ୍ତିକା ସଂରକ୍ଷଣ ଉପରେ ଗୁରୁତ୍ୱ

**ଔପଦା, ୫।୧୨(ଡି.ଏନ.ଏ.):** ଔପଦା ବ୍ଲକ ସଦରରେ ଅବସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ କୃଷି ସମ୍ପ୍ରସାରଣ ଅଧିକାରୀ ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ନିର୍ମଳା ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ସମିତିସଭ୍ୟ ଅଶୋକ କୁମାର ପ୍ରଧାନ, କୃଷି ପରାମର୍ଶଦାତା ଜୟନ୍ତ କୁମାର ରାଉତ, ସହକୃଷି ସମ୍ପ୍ରସାରଣ ଅଧିକାରୀ ବିଭୂତି ଭୂଷଣ ପତି, ଆତ୍ମାର ଅଧକ୍ଷ ବିନୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ମୃତ୍ତିକା ସଂରକ୍ଷଣ ଲାଗି ସଚେତନତା ସୃଷ୍ଟି ପାଇଁ ପ୍ରୋଜେକ୍ଟର ମାଧମରେ ଏକ ଭିଡ଼ିଓ ଶୋ ପ୍ରଦର୍ଶିତ ହୋଇଥିଲା।

### ଏବିଭିପିର ରେମୁଣା ନଗର ସମ୍ମିଳନୀ

**ରେମୁଣା, ୫।୧୨(ଡି.ଏନ.ଏ.):** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ରେମୁଣା ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମହାବିଦ୍ୟାଳୟରୁ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଡ. ସୁବର୍ଣ୍ଣ କେଶରୀ ସାମଲ, ମୁଖ୍ୟବକ୍ତା ଭାବେ ରଜତ କୁମାର ପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଏକ ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଛି। ନୂତନ ନଗର ସଭାପତି ଭାବେ ଡ. ସୁବର୍ଣ୍ଣ କେଶରୀ ସାମଲ, ନଗର ସମ୍ପାଦକ ଭାବେ କୁମାର ଚନ୍ଦ୍ରଭାନୁ ଜେନା, ନଗର ସହସମ୍ପାଦକ ସମିରୀ ଦାସ, ନୃସିଂହ ପ୍ରସାଦ ନାୟକ, ମୀନକେତନ ପୋଥାଳ, ଏସ୍‌ଏଫ୍‌ଡ଼ି ଉମେଶ ଦାସ, ଏସ୍‌ଏଫ୍‌ଏସ୍ ଜଳଧର ପ୍ରଧାନ, ରାଷ୍ଟ୍ରୀୟ କଳାମଞ୍ଚ ପ୍ରମୁଖ ଭକ୍ତସଙ୍କିତ୍ ଦାସ, ସହପ୍ରମୁଖ ଶଙ୍କର ସିଂ, କ୍ରୀଡ଼ା କିରଣ ସିଂ, ଗଣମାଧମ ଦେବଦତ୍ତ ସାନ୍ତରା, ଅଧ୍ୟୟନ ବୃତ୍ତ ଦେବସ୍ମିତା ପ୍ରଧାନ ମନୋନୀତ ହୋଇଛନ୍ତି।

### ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ

**ରୂପ୍‌ସା, ୫।୧୨(ଡି.ଏନ.ଏ.):** ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ସୋମବାର ଛାତ୍ରୀ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଶିବିରକୁ ଉଦ୍‌ଘାଟନ କରି ଆତ୍ମସୁରକ୍ଷା କୌଶଳ ମାଧମରେ ନିଜର ସୁରକ୍ଷା ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ସଂଯୋଜିକା ଅଧାପିକା ପିନାକ୍ଷୀ ପଣ୍ଡା ଓ ଡ. ଆରୁଣୀ ମିଶ୍ର ଯୋଗଦେଇ ଶିବିରାର୍ଥୀଙ୍କୁ ସଚେତନ କରାଇଥିଲେ। ବରିଷ୍ଠ ଅଧାପିକା ନୀଳିମା ପାତ୍ର, ପୂର୍ବତନ ସଂଯୋଜକ ତପନ କୁମାର ଦାସ ଓ ଡେମନଷ୍ଟ୍ରେଟର ବାସନ୍ତୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆତ୍ମସୁରକ୍ଷା କୌଶଳର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଉଭୟ ଯୁକ୍ତ୨ ଓ ଯୁକ୍ତ ୩ ଶ୍ରେଣୀର ୧୫୦ ଛାତ୍ରୀଙ୍କ ନାମ ପଞ୍ଜୀକୃତ ହୋଇଥିଲା।

# ‘ମାତୃ, ଶିଶୁ ମୃତ୍ୟୁହାର ହ୍ରାସ ଦିଗରେ ଗୁରୁତ୍ୱ ଦିଅ’

**ବାଲେଶ୍ୱର ଅଫିସ,୫।୧୨**

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଗୁରୁବାର ପୂର୍ବାହ୍ନରେ ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଏବଂ ମାତୃ, ଶିଶୁ ମୃତ୍ୟୁ ହାର ସ୍ଥିତି ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧକ୍ଷତା କରି ମାତୃ ଓ ଶିଶୁ ମୃତ୍ୟୁ ହାର ଜିଲା ତଥା ରାଜ୍ୟର ବିକାଶର ସ୍ଥିତିକୁ ଦର୍ଶାଉଥିବାରୁ ଏହାର ଗୁରୁତ୍ୱ ସମସ୍ତେ ଉପଲବଧି କରି ଏହାକୁ ରୋକିବାକୁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ଡାକ୍ତର ଏବଂ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାରେ ଅବହେଳା ହେଲେ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ।

୨୦୧୪-୧୫ରେ ମାତୃ ମୃତ୍ୟୁ ସଂଖ୍ୟା ୩୭ ଥିବାବେଳେ ୨୦୧୫-୧୬ରେ ୩୩, ୨୦୧୬-୧୭ରେ ୩୪, ୨୦୧୭-୧୮ରେ ୧୯, ୨୦୧୮-୧୯ରେ ୩୩ ଏବଂ ୨୦୧୯-୨୦ ଅକ୍ଟୋବର ମାସ ସୁଦ୍ଧା ତାହା ୨୨ ରହିଛି। ସେହିପରି ଶିଶୁ ମୃତ୍ୟୁ ହାର ୨୦୧୭-୧୮ରେ ୭୬୨ ଥିବା ବେଳେ ୨୦୧୮-୧୯ରେ ୭୬୫ ଏବଂ ୨୦୧୯-୨୦ ସେପ୍ଟେମ୍ବର ମାସ ସୁଦ୍ଧା ତାହା ୩୮୪ ଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ସୂଚନା ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଏସଏନସିୟୁରେ ସର୍ବାଧିକ ଶିଶୁ ମୃତ୍ୟୁବରଣ କରିଥିବାରୁ ସେଠାରେ ଶଯ୍ୟା ସଂଖ୍ୟା ୧୨ରୁ ୨୪ କରିବାକୁ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଶିଶୁ ମୃତ୍ୟୁର କାରଣ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇ ତାହାର ନିରାକରଣ ଦିଗରେ କାର୍ଯ୍ୟାନୁଷ୍ଠାନ ନେବାକୁ ଉପସ୍ଥିତ ଡାକ୍ତର ଏବଂ ଅଧିକାରୀମାନଙ୍କୁ କୁହାଯାଇଥିଲା। ବୈଠକରେ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନରେ ଉଲ୍ଲେଖନୀୟ ସେବା ପାଇଁ ତିନୋଟି ଅଲଟ୍ରାସାଉଣ୍ଡ କ୍ଲିନିକକୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ୬ଜଣ ଅବସରପ୍ରାପ୍ତ ଏବଂ ଘରୋଇ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ପରେଶ ଚନ୍ଦ୍ର ନନ୍ଦୀ, ଜିଲା ମ୍ୟାଲେରିଆ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ କୁସୁମମାଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର, ଆରସିଏଚ୍ ଏଲିନା ସାମଲ ପାୱାର ପଏଣ୍ଟ ମାଧମରେ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ବିଭିନ୍ନ ବ୍ଲକ ଚିକିତ୍ସାଳୟର ଭାରପ୍ରାପ୍ତ ଡାକ୍ତର, କର୍ମଚାରୀଙ୍କ ସମେତ ସିଡ଼ିପିଓ ଏବଂ ଆଶାକର୍ମୀମାନେ ଉପସ୍ଥିତ ଥିଲେ।


ବୈଠକରେ ଆରସିଏଚ୍ ଏଲିନା ସାମଲ ପାୱାର ପଏଣ୍ଟ ମାଧମରେ ତଥ୍ୟ ଉପସ୍ଥାପନ କରୁଛନ୍ତି।



ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସ କର୍ମକର୍ତ୍ତା।

# ରାସ୍ତା ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ ଦେଲା ଯୁବ କଂଗ୍ରେସ

**ଜଳେଶ୍ୱର, ୫।୧୨(ସ୍ୱ.ପ୍ର./ଡି.ଏନ.ଏ.)**

ଜଳେଶ୍ୱର ବ୍ଲକ ରାଇବଣିଆର ୧୪ଟି ପଞ୍ଚାୟତର ଲାଇଫ ଲାଇନ୍ କୁହାଯାଉଥିବା ଜଳେଶ୍ୱର-ଓଲମରା ଶାନ୍ତିପୁର ରୋଡ଼ର ଦୁରବସ୍ଥା ବଦଳୁ ନାହିଁ। ୩ମାସ ପୂର୍ବରୁ ଜିଲାପାଳ ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଆସନ୍ତା ୧୫ ଦିନ ମଧରେ ମରାମତି ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗୁରୁବାର ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ଏକ ଖବରଦାତା ସମ୍ମିଳନୀରେ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଜଳେଶ୍ୱର ଜଗନ୍ନାଥ ସଡ଼କ ବାଘାବାଳିଠାରୁ ବାହାରିଥିବା ୨୨ କି.ମି. ଶାନ୍ତିପୁର ରୋଡ଼ରେ ରାଇବଣିଆବାସୀ ପ୍ରତିଦିନ ଜଳେଶ୍ୱର ଓ ଅନ୍ୟାନ୍ୟ ସ୍ଥାନକୁ ଯିବାକୁ ଏହି ରାସ୍ତା ଏକମାତ୍ର ବିକଳ୍ପ। ଶିଖରପୁରଠାରେ ନିର୍ମାଣ ହୋଇଥିବା ସୁବର୍ଣ୍ଣରେଖା ସେତୁ ଉପର ଦେଇ ୧୦ଟନର ମାଲବାହୀ ଯାନ ଯାତାୟାତ କରିବା ଲେଖାଥିବା ବେଳେ ୨୦ଟନ୍‌ରୁ ଊର୍ଦ୍ଧ୍ୱ ଓଜନର ବାଲି, କୋଇଲା, ପଥର ଓ ଚିପ୍ସ ଗାଡିଗୁଡିକ ଯାତାୟାତ କରୁଛି। ଜଳେଶ୍ୱର ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ଗତ ଅଗଷ୍ଟ ୨୭ ଓ ନଭେମ୍ବର ୧୦ ତାରିଖରେ ଜିଲାପାଳଙ୍କୁ ଭେଟି ଅବଗତ କରାଇଥିଲେ। କୌଣସି ପଦକ୍ଷେପ ନିଆ ନ ଯିବାରୁ ଯୁବକଂଗ୍ରେସ ଏହି ଚେତାବନୀ ଦେଇଛି। ଖବରଦାତା ସମ୍ମିଳନୀରେ ଜଳେଶ୍ୱର ବିଧାନସଭା ମଣ୍ଡଳର ସଭାପତି ଗିରିଜା ଶଙ୍କର ଦାସ, ପୂର୍ବତନ ସଭାପତି ହରିଶଙ୍କର ଜେନା, ଜିଲା ସମ୍ପାଦକ ସୁଶାନ୍ତ ସେଠୀ, ଜଳେଶ୍ୱର ବ୍ଲକ ସମ୍ପାଦକ ସପନ ସାମଲ, ଜିଲା ପୂର୍ବତନ ସମ୍ପାଦକ ହେମନ୍ତ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା

**ବାଲେଶ୍ୱର ଅଫିସ, ୫।୧୨**

ବାଲେଶ୍ୱର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଗୁରୁବାର ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଜିଲା ପରିଷଦର ଅଧକ୍ଷା ନିବେଦିତା ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମୃତ୍ତିକାର ଯତ୍ନ, ସଂରକ୍ଷଣ ଏବଂ ସୁପରିଚାଳନା କରିପାରିଲେ ମାନବ ଜଗତକୁ ଖାଦ୍ୟ ଯୋଗାଇବା ସହ ଅଶେଷ କଲ୍ୟାଣ ସାଧନ କରିପାରିବ ବୋଲି କହିଥିଲେ।

ଜିଲା ମୁଖ୍ୟ କୃଷି ଅଧିକାରୀ କୈଳାଶ ଚନ୍ଦ୍ର ପରିଡ଼ା ଅଧକ୍ଷତା କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ମତ୍ସ୍ୟ ଅଧିକାରୀ ରବିନାରାୟଣ ପଟ୍ଟନାୟକ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ତ୍ରିଲୋଚନ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲ, ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ବଂଶୀଧର ସାମଲ, ଆଇକ୍ରିସାଟର ଦିବ୍ୟା ଆର.କେ., ରାଣୀତାଲ କୃଷି ଫାର୍ମର ବୈଜ୍ଞାନିକ ଚିନ୍ମୟ ଦାସ, ମୃତ୍ତିକା ରସାୟନବିତ୍ ଧ୍ରୁବ ଚରଣ ମହାନ୍ତ, ସହକାରୀ ଜିଲା ଉଦ୍ୟାନବିତ ଦୁଷ୍ମନ୍ତ ବେହେରା, କନିଷ୍ଠମାନ ନିୟନ୍ତ୍ରକ ରାମହରି ଜେନା, ଜିଲା ପରିଷଦ ସଦସ୍ୟ ସୀତାରାମ ପ୍ରଧାନ ଓ ବିପିନ ମାରାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ବାର୍ଷିକ କୃଷି ପୁସ୍ତିକାର ଉନ୍ମୋଚନ କରାଯାଇଥିଲା। ପରେ ପ୍ରାୟ ୫୦ ଅଗ୍ରଣୀ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ ପତ୍ରିକା ପ୍ରଦାନ କରାଯାଇଥିଲା। ଏହା ସମ୍ପୃକ୍ତ ଚାଷୀମାନଙ୍କ ଚାଷ ଜମିର ମାଟି ନମୁନା ସଂଗ୍ରହ କରାଯାଇ ହାଇଦ୍ରାବାଦର ଆନ୍ତର୍ଜାତୀୟ ଶୁଷ୍କ ଭୂମି ଶସ୍ୟ ଗବେଷଣା କେନ୍ଦ୍ର ଓ ବାଲେଶ୍ୱରସ୍ଥିତ ମୃତ୍ତିକା ପରୀକ୍ଷଣ କେନ୍ଦ୍ର ଦ୍ୱାରା ବିଶ୍ଳେଷଣ କରାଯାଇଥିବା ପରୀକ୍ଷା ରିପୋର୍ଟ ଚାଷୀମାନଙ୍କୁ ପ୍ରଦାନ କରାଯାଇଥିଲା। ବୈଠକର ଦ୍ୱିତୀୟାର୍ଦ୍ଧରେ ଚାଷୀମାନେ ତାଙ୍କ ଚାଷ ଜମିର ପ୍ରକାରଭେଦ କିପରି ନିର୍ଣ୍ଣୟ କରିବେ, ମୃତ୍ତିକା ପରୀକ୍ଷା, ସନ୍ତୁଳିତ ସାର ପ୍ରୟୋଗ, ମାଟିକୁ ଚିହ୍ନି ସେଥିରେ ଚାଷ କରିବା, ଜୈବସାରର ଉପକାରିତା, ଶସ୍ୟ ବିବିଧତା ବିକାଶ ଆଦି ବିଷୟରେ ବୁଝାଯାଇଥିଲା।

## ୫ ମାସ ହେଲା ଅଭିଯୁକ୍ତ ଫେରାର ପୂର୍ବାଞ୍ଚଳ ଆଇଜିଙ୍କୁ ଭେଟିଲେ ନାବାଳିକାଙ୍କ ମା’ବାପା

**ବାଲେଶ୍ୱର ଅଫିସ, ୫।୧୨**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଞ୍ଚଳର ଦୁଇ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ବଳାତ୍କାର କରି ୫ମାସ ହେଲା ଫେରାର ଅଛନ୍ତି। ପୋଲିସ କେବଳ ମାମଲା (ନଂ. ୨୦୨/୧୯) ରୁଜୁ କରି ବସିଛି। ନ୍ୟାୟ ପାଇଁ ନାବାଳିକାଙ୍କ ମା’ବାପା ଥାନା ଅଧିକାରୀ ଓ ଏସ୍‌ପିଙ୍କୁ ଭେଟି ଜଣାଇଥିଲେ ମଧ କୌଣସି ଫଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ନାବାଳିକାଙ୍କ ମା’ବାପା ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକଙ୍କୁ ଲିଖିତ ଭାବେ ଜଣାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଉଚିତ୍ ଦଣ୍ଡ ନ ଦେଲେ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ‘ଶିକ୍ଷା ହିଁ ଆଣେ ସାମାଜିକ ପରିବର୍ତ୍ତନ’


ଅତିଥିମାନଙ୍କ ଦ୍ୱାରା ମୁଖପତ୍ର ‘ଭାରତୀ’ ଉନ୍ମୋଚନ କରାଯାଉଛି।

**ସିମୁଳିଆ, ୫।୧୨(ଡି.ଏନ.ଏ.)**

ସିମୁଳିଆ ଭାରତ ସେବାନିଧି ନୋଡାଲ ଉଚ୍ଚ ବିଦ୍ୟାଳୟର ୫୫ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୂର୍ଯ୍ୟମଣୀ ବୋଇତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଏହି ବିଦ୍ୟାଳୟକୁ ଦ୍ୱିତୀୟ ମଡେଲ ବିଦ୍ୟାଳୟ କରାଯିବ ବୋଲି କହିବା ସହ ଶିକ୍ଷା ଦ୍ୱାରା ହିଁ ସାମାଜିକ ପରିବର୍ତ୍ତନ ସମ୍ଭବ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ଓଷ୍ଟା ସଭାପତି ଡ. କମଳାକାନ୍ତ ପତି ଓ ସମ୍ମାନିତ ଅତିଥି ରୂପେ ବିଇଓ ଡ. ମାୟାଧର ସାହୁ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରକ୍ତନ ଅଫିସ ସହାୟକ ସାଗର ଚରଣ ବେହେରାଙ୍କୁ ‘ଆମ ଗୌରବ’ ସମ୍ମାନ ପୁରାତନ ଛାତ୍ରୀ ସୁଶ୍ରୀ କବିତା ପଣ୍ଡାଙ୍କୁ ‘ଓଡିଆ ଶ୍ରୀ’ ସମ୍ମାନ, ଛାତ୍ର ପ୍ରୀତିସୁଧା ମଲିକଙ୍କୁ ‘ସାହିତ୍ୟ ପ୍ରୀତି ପ୍ରୋତ୍ସାହନ’ ସମ୍ମାନ, ଛାତ୍ରୀ ସୁଶ୍ରୀ କବିତା ପଣ୍ଡାଙ୍କୁ ‘ସନ୍ତୋଷ ଗଣିତ ମେଧା ପୁରସ୍କାର’ ସମ୍ମାନ ଓ ଶ୍ରେଷ୍ଠ ଛାତ୍ରୀ ରୂପେ ଶୁଭସ୍ମିତା ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରତିଷ୍ଠାତା ପରମାନନ୍ଦ ଚୁଡିୱାଲାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ମୁଖପତ୍ର ‘ଭାରତୀ’ ଉନ୍ମୋଚିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିକ୍ଷକ ମହେଶ୍ୱର ଭୂୟାଁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ, ଶିକ୍ଷକ ମଙ୍ଗୁଳି ଚରଣ ଗାହାଣ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥି ରୂପେ ଓଷ୍ଟା ସମ୍ପାଦକ ପ୍ରସନ୍ନ କୁମାର ଧଳ, ପରିଚାଳନା କମିଟି ସଭାପତି ବରେନ୍ଦ୍ର ଖିଲାର, ସିଆରସିସି କୁନ୍ତଳା ମହାପାତ୍ର, କବି ପଦ୍ମଲୋଚନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ଶିକ୍ଷକ ଭରତ ଚନ୍ଦ୍ର ଦାଶ ମଞ୍ଚ ସଞ୍ଚାଳନା କରିଥିଲେ। ଶିକ୍ଷୟିତ୍ରୀ ଦେବସ୍ମିତା ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଯୋଗ ହିଁ ଜୀବନ’

**ରୂପ୍‌ସା, ୫।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଉଇଟିକିରିସ୍ଥିତ ଶାନ୍ତିଲତା ମହାବିଦ୍ୟାଳୟରେ ଏକ ଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷ ପ୍ରାଧାପକ ଗୋବିନ୍ଦ ଚନ୍ଦ୍ର ମାଝି ଶିବିରକୁ ଉଦ୍‌ଘାଟନ କରି ନିୟମିତ ଯୋଗ, ପ୍ରାଣାୟମ ଦ୍ୱାରା ସୁସ୍ଥ ଓ ନୀରୋଗ ଜୀବନଯାପନ ସମ୍ଭବ ବୋଲି ବକ୍ତବ୍ୟରେ କହିଥିଲେ। ଯୋଗ ପ୍ରଶିକ୍ଷକ ଚକ୍ରଧର ସେଠୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସର ବିଭିନ୍ନ ଦିଗ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଯୁବ ରେଡ଼କ୍ରସ କାଉନସିଲର ଜୀବନକୃଷ୍ଣ ଗିରି, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ମାନସ କୁମାର ଦତ୍ତ, ଅଧାପକ ଦୁର୍ଗା ମାରାଣ୍ଡି ଓ ମନୋରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଯୋଗ ହିଁ ଜୀବନ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

# ସଚେତନତା ଶୋଭାଯାତ୍ରାରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

**ଖଇରା, ୫।୧୨(ଡି.ଏନ.ଏ.)**

ଖଇରା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରିଥିଲା। ପରେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା। ଏବିଇଓ ସୁଦର୍ଶନ ରାଉତ, ଗୋଲକ ବିହାରୀ ପାଢୀ, ଶ୍ରୀଧର ବେହେରାଙ୍କ ସମେତ ତପନ ତ୍ରିପାଠୀ, କମଳଲୋଚନ ଜେନା, ବିଷ୍ଣୁପଦ ବହଳି, ଲମ୍ବୋଦର ଦାସ, ଲକ୍ଷ୍ମଣ ସେଣ, ସୁଶାନ୍ତ ମହାପାତ୍ର, ରଞ୍ଜନ ମହଲା, କୈଳାସଚନ୍ଦ୍ର ବେହେରା, ନିତ୍ୟାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ନେଇ ସିନିୟର ଓ ଜୁନିୟର ସ୍ତରରେ ଚିତ୍ରାଙ୍କନ, ମ୍ୟୁଜିକଚେୟାର, ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷକ ମନୋଜ ମହାପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଭାଗିରଥି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।


ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ସଚେତନତା ରାଲିରେ ଯାଉଛନ୍ତି।

# ସଚେତନତା ଶୋଭାଯାତ୍ରା

**ବାହାନଗା, ୫।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ଉଚ୍ଚ ମାଧମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ପୁରୁଷ ଓ ମହିଳା ବିଭାଗ ଓ ଜାତୀୟ ଯୁବ ରେଡକ୍ରସ ତରଫରୁ ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଅଧକ୍ଷ ବିନୋଦ କୁମାର ମହାରଣା ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ପ୍ରକାଶ ଚନ୍ଦ୍ର ମଲିକ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରେଡକ୍ରସ୍ ଅଧିକାରିଣୀ ପୁଷ୍ପିତା ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଅଧାପିକା ସ୍ନେହାଞ୍ଜଳୀ ଦାସ,ଏନ.ଏସ.ଏସ.ର ମହିଳା ବିଭାଗର ଅଧିକାରିଣୀ ଇତିଶ୍ରୀ ସମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ।



ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ବାକ୍ୟରେ ବ୍ୟାକରଣଗତ ଅଶୁଦ୍ଧିକୁ ନେଇ ଉଦ୍‌ବେଗ

**ବାଲେଶ୍ୱର ଅଫିସ, ୫।୧୨**

ବାଲେଶ୍ୱର ଆଜିମାବାଦସ୍ଥିତ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଅନୁଷ୍ଠାନର କାର୍ଯ୍ୟାଳୟ ପରିସରରେ ଭାଷାର ପ୍ରୟୋଗ ସମ୍ପର୍କରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ପୌରୋହିତ୍ୟ କରି ଦୈନନ୍ଦିନ ଜୀବନରେ ଆମେ ଯେଉଁ ଭାଷାର ବ୍ୟବହାର କରୁଛୁ ସେଥିରେ ବହୁତ ବନାନଗତ ତ୍ରୁଟି ପରିଲକ୍ଷିତ ହେଉଛି। ପ୍ରତ୍ୟେକ ବାକ୍ୟରେ, ଶବ୍ଦରେ ଏପରି କି ଲେଖାରେ ମଧ ଅନେକ ବନାନଗତ ଅଶୁଦ୍ଧି ଲୋକଲୋଚନକୁ ଆସୁଛି। ଅନେକ ଶବ୍ଦକୁ ଆମେ ଠିକ୍ ବୋଲି ଭାବୁଥିଲେ ମଧ ସେଥିରେ ବ୍ୟାକରଣଗତ ଅଶୁଦ୍ଧି ରହୁଛି ବୋଲି ଉଦ୍‌ବେଗ ପ୍ରକାଶ କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଭାଗବତ ପ୍ରସାଦ ଦାସ ଯୋଗଦେଇ ବାଟେଘାଟେ ଶୀର୍ଷକ ଆଲୋଚନାରେ ଆମେ ଦୈନନ୍ଦିନ ଜୀବନରେ ବ୍ୟବହାର କରୁଥିବା ଭୁଲ ଶବ୍ଦ ସମ୍ପର୍କରେ ବିସ୍ତୃତ ଆଲୋଚନା କରି ବିଶେଷ୍ୟ, ବିଶେଷଣ ଓ ବିଧେୟ ବିଶେଷଣ ଉପରେ ଉଦାହରଣମାନ ଦେଇଥିଲେ। ଅନ୍ୟତମ ଆଲୋଚକ ଭାବେ ବ୍ୟାକରଣ ଶାସ୍ତ୍ରରେ ବ୍ୟୁତ୍ପତ୍ତି ଲାଭ କରିଥିବା ନିରଞ୍ଜନ ସାହୁ ଯୋଗଦେଇ ବ୍ୟବହାର କରୁଥିବା ଭୁଲ ଶବ୍ଦ ଠିକ୍ ଭାବେ କ’ଣ ହେବ ବୋଲି ପ୍ରକାଶ କରି ପାଠକମାନଙ୍କର ଅବଗତି ନିମନ୍ତେ ଯଥାଶୀଘ୍ର ଏକ ଗ୍ରନ୍ଥ ପ୍ରକାଶ କରିବେ ବୋଲି ସୂଚନା ନେଇଥିଲେ। ପ୍ରକାଶଥାଉ କି ସାହୁଙ୍କ ରଚିତ ଭାଷାର ଶୁଦ୍ଧାଶୁଦ୍ଧ ପ୍ରୟୋଗ ସମ୍ପର୍କିତ ‘ସଂଶୋଧିକା’ ନାମକ ଏକ ଗ୍ରନ୍ଥ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଦ୍ୱାରା ପ୍ରକାଶିତ ହୋଇସାରିଛି। ବ୍ୟାକରଣଗତ ସାମାନ୍ୟ ତ୍ରୁଟିଥିଲେ ମଧ ସାମ୍ପ୍ରତିକ ସାହିତ୍ୟରେ ତାହାକୁ ଗ୍ରହଣ କରାଯାଇପାରିବ କି ବୋଲି ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ଏକ ପ୍ରଶ୍ନ ସହିତ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା, ସଂସ୍କୃତଜ୍ଞ ସଞ୍ଜୟ କୁମାର ପଣ୍ଡା ପ୍ରମୁଖଙ୍କର ବିଭିନ୍ନ ପ୍ରଶ୍ନର ଆଲୋଚକଗଣ ଠିକ୍ ଉତ୍ତର ପ୍ରଦାନ କରିଥିଲେ। ତପନ ରାୟ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ। ସାଧାରଣ ସମ୍ପାଦକ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଦୀପକ ବୋଷ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ ଅଭିନେତା ପରମାନନ୍ଦ ସାହୁ ଓ ପୂର୍ବତନ ପ୍ରଶାସକ ରବିନାରାୟଣ ଦାସଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଦୀପ ଚାଟାର୍ଜୀ, ସୁବ୍ରତା ମହାନ୍ତି, ଅରୁଣା ରାୟ, ଶରତ କୁମାର ମହାପାତ୍ର, କଲ୍ୟାଣୀ ନନ୍ଦ, ଜ୍ୟୋତ୍ସ୍ନା ରାୟମହାପାତ୍ର, ଡ. ସନାତନ ଦାସ, ଅବନ୍ତୀ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଆଲୋଚନା ସଭାରେ ମଞ୍ଚାସୀନ ଅତିଥିଗଣ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ଢେଙ୍କିକୋଟ, ୫।୧୨(ଡି.ଏନ.ଏ.)- କେନ୍ଦୁଝର ଜିଲାର ୨୦ ନଂ ଜାତୀୟ ରାଜପଥର ଗୋପାଳପୁର ନିକଟରେ ବୁଧବାର ରାତିରେ ଏକ ଦଶ ଚକିଆ ଟ୍ରକ ଧକ୍କାରେ ଇନ୍ଦ୍ରମଣି ମହାନ୍ତ ନାମକ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ନୂଆଗାଁ ଗ୍ରାମରେ। ସେ ଘରକୁ ଫେରୁଥିବାବେଳେ ଏକ ଲୁହା ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଏବଂ ପରେ କଟକ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଏବଂ ବାଇକ୍‌କୁ ଜବତ କରି ଏକ ଦୁର୍ଘଟଣାଜନିତ ମାମଲା (ନଂ. ୩୬୯/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

### ୬ ଡମ୍ଫର ଜବତ ଘଟଣା: ୨ଗିରଫ

ବଡ଼ବିଲ, ୫।୧୨(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଡ଼ବିଲ ଥାନା ରାଜ୍ୟ ସୀମାନ୍ତ ନାଲଦାଦେଇ ଝାଡ଼ଖଣ୍ଡ ରାଜ୍ୟକୁ ଲୁହାପଥର ଚୋରାଚାଲାଣ ବେଳେ ପୋଲିସ ଚଢ଼ାଉ କରି ୬୦ମେଟ୍ରିକ ଟନ ସାଇଜ ଲୁହାପଥର ସହ ୬ଟି ଡମ୍ଫରକୁ ଗତ ନଭେମ୍ବର ୨୬ ତାରିଖରେ ଜବତ କରିଥିଲା। ଘଟଣାର ତଦନ୍ତଜାରି ରଖି ପୋଲିସ ଗୁରୁବାର ଖଣି କମ୍ପାନୀ ରେଲୱେ ସାଇଡିଂ ରିସିଭର ସଞ୍ଜୟ ରାଉତ ଓ ସିକ୍ୟୁରିଟି ଗାର୍ଡ ଦିବ୍ୟ ରଞ୍ଜନ ପଣ୍ଡାଙ୍କୁ ଗିରଫ କରିଛି। ତେବେ ଚୋରାଚାଲାଣରେ ସମ୍ପୃକ୍ତ ଟିପର ମାଲିକ ଓ ଡ୍ରାଇଭର ଏବେ ବି ଫେରାର ଥିବା ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି।

### ରାସ୍ତା ନିର୍ମାଣ ଦାବି କଲେ ଗ୍ରାମବାସୀ

କୋଲିମାଟି, ୫।୧୨, (ଡି.ଏନ.ଏ.)- ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତର କନ୍ତୋ ଗ୍ରାମର ଗାଁ ଭିତର ରାସ୍ତା ଅତି ଦୟନୀୟ ଅବସ୍ଥାରେ ପଡି ରହିଛି। ଆଜିକୁ ଛଅ ମାସ ହେବ ପଞ୍ଚାୟତ ତରଫରୁ କାମ ଦିଆଯାଇଛି ହେଲେ କାମ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ନଦୀ ଘାଟ ରାସ୍ତା ପାଇଁ ମଧ ପଞ୍ଚାୟତ ତରଫରୁ କାମ ହେବା ପାଇଁ ମଞ୍ଜୁର ହୋଇଛି ହେଲେ କାମ ହେଉନାହିଁ। ବାରମ୍ବାର ଏନେଇ ଅଭିଯୋଗ କଲେ ମଧ ପ୍ରଶାସନ ତରଫରୁ କୌଣସି ଦୃଷ୍ଟି ଦିଆଯାଉ ନାହିଁ। ତୁରନ୍ତ ଗାଁରେ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ଝୁମ୍ପୁରା ୫।୧୨ (ଡି.ଏନ.ଏ.)-ଝୁମ୍ପୁରା ବ୍ଲକରେ ଭିନ୍ନକ୍ଷମ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ମଙ୍ଗଳବାର ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏଥିପାଇଁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ନିମନ୍ତେ ସୋମବାର ସଙ୍ଗୀତ ନୃତ୍ୟ ପ୍ରତିଯୋଗିତା, ମ୍ୟୁଜିକ ଚେୟାର, ଜିଲାପି ରେସ, ଲମ୍ଫ ଡିଆଁ, ହାଣ୍ଡିପିଟା ଭଳି ପ୍ରତିଯୋଗିତା କରାଯାଇଥିଲା। ଝୁମ୍ପୁରା ବ୍ଲକ ଶିକ୍ଷାଧିକାରୀ ଦୁଃଶାସନ ସିଂଙ୍କ ସଭାପତିତ୍ୱରେ ଏହି ବୈଠକରେ ବିଡିଓ ଜୟଶ୍ରୀ ବେଉରା, ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ସମସ୍ତ ସିଆସିସି, ବିଆରଟି ମଙ୍ଗଲୁ ମହାନ୍ତ, ଏବିଆରଟି ଜୟନ୍ତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଆରଟି ମଙ୍ଗଲୁ ମହାନ୍ତଙ୍କ ତତ୍ତ୍ୱାବଧାନରେ ଭିନ୍ନକ୍ଷମ ଛାତ୍ରୀଛାତ୍ର ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଉଚ୍ଚ ବିଦ୍ୟାଳୟ ପଡିଆରେ ପହଞ୍ଚିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକକୁ ବିଆରସି କମଳ ଲୋଚନ ବିଶ୍ୱାଳ ସଞ୍ଚାଳନ କରିଥିବାବେଳେ ବରିଷ୍ଠ ଶିକ୍ଷକ ଅର୍ଜୁନ ଚରଣ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

### ୨ ଚୋରା ମଦ ବେପାରୀ ଗିରଫ

ପାଟଣା,୫।୧୨(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଅବକାରୀ ବିଭାଗ ଦାରା ଗୁରୁବାର ପାଟଣା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ଅବକାରୀ ଚଢ଼ାଉ ହୋଇଛି। ଏଥିରେ ମୋଟ ୪୫ଲିଟର ଦେଶୀମହୁଲି ମଦ ସାଙ୍ଗକୁ ୬ଲିଟର ୪୮୦ ମିଲି ଲିଟର ବିଦେଶୀ ମଦ ଜବତ ହୋଇଛି। ବେଆଇନ ମଦ ବ୍ୟବସାୟ ସମ୍ପୃକ୍ତିରେ ଦୁର୍ଯ୍ୟୋଧନ ମଣ୍ଡଳ(୨୯) ଓ କଣ୍ଟିଆପଡା ଗ୍ରାମର ହେମନ୍ତ ବେହେରା(୨୫)ଙ୍କୁ ଅବକାରୀ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ୍ତ ରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉରେ ପାଟଣା ଅବକାରୀ ଅଧିକାରୀ ଦିଲୀପ କୁମାର ତଣ୍ଡି ଓ ଜନାର୍ଦ୍ଦନ ପଲେଇଙ୍କ ସହ ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ।

# ଖଣି କମ୍ପାନୀ ସମ୍ମୁଖରେ ଧାରଣାକାରୀଙ୍କୁ ଆକ୍ରମଣ

## ଉତ୍ତେଜନା, ଥାନାରେ ଏତଲା

ଯୋଡ଼ା, ୫।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ବ୍ଲକ ତଥା ବାମେବାରୀ ଥାନା ଅନ୍ତର୍ଗତ ଜୁରୁଡି ଖଣିରେ ଗୁରୁବାର ଧାରଣାରତ ଲୋକଙ୍କୁ କେତେଜଣ ବ୍ୟକ୍ତି ଆକ୍ରମଣ କରିଛନ୍ତି । ଏଥି ସହିତ ସେମାନେ ଧାରଣା ସ୍ଥଳରେ ଲାଗିଥିବା ଟେଣ୍ଟକୁ ଭଙ୍ଗାରୁଜା କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମାରାଙ୍ଗବୁରୁ ଡେଭଲପମେଣ୍ଟ କମିଟି ପକ୍ଷରୁ ପରିବହନ କାର୍ଯ୍ୟ ପ୍ରଦାନ ଦାବି କରି ଲିଖିତ ଭାବେ କମ୍ପାନୀ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନକୁ ଅବଗତ କରାଯାଇ ବୁଧବାର କମ୍ପାନୀର ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ହେଲେ ଧାରଣାକାରୀଙ୍କୁ ଘଉଡାଇବା ପାଇଁ ନିକଟବର୍ତ୍ତୀ ଗ୍ରାମର ଅନ୍ୟ ଏକ ଗୋଷ୍ଠୀର ମହିଳା ପୁରୁଷମାନେ ଠେଙ୍ଗାବାଡି ଧରି ଆସିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ବୁଧବାର ରାତି ପ୍ରାୟ ୮ଟାରେ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା, ଯୋଡା ଥାନା ଆଇଆଇସି ରାଇସେନ ମୁର୍ମୁ, ବାମେବାରୀ ଥାନା ଓଆଇସି ପରେଶ କୁମାର ମହାନ୍ତି ପ୍ରମୁଖ ମାରାଙ୍ଗବୁରୁ ଡେଭେଲପମେଣ୍ଟ କମିଟିର ନେତୃତ୍ୱ ନେଉଥିବା ସଞ୍ଜୟ ବାରିକ ଓ କେତେଜଣ ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଶେଷରେ ଆନ୍ଦୋଳନକାରୀଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ନିର୍ଦ୍ଦେଶ ଅନୁଯାୟୀ ମାରାଙ୍ଗବୁରୁ ଡେଭେଲପମେଣ୍ଟ କମିଟି ପକ୍ଷରୁ ଖଣିର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିବା ପାଇଁ ଗୁରୁବାର ସକାଳେ ଏକ ଟେଣ୍ଟ ବନ୍ଧା ଯାଉଥିବା ବେଳେ ନିକଟବର୍ତ୍ତୀ ଗ୍ରାମର ଅନ୍ୟ ଗୋଷ୍ଠୀର ଶତାଧିକ ମହିଳା ପୁରୁଷ ଆସି କେତେଜଣ ଧାରଣାକାରୀଙ୍କୁ ଆକ୍ରମଣ କରି ଘଉଡାଇ ଦେଇଥିଲେ । ସେମାନେ ଟେଣ୍ଟକୁ ଭଙ୍ଗାରୁଜା କରି ମୁଖ୍ୟ ଫାଟକ ସମ୍ମୁଖରେ ଜଗି ରହିଥିଲେ। ଅପରାହ୍ନରେ ଜଣେ ଖବରଦାତା ଭିଡିଓ ରେକର୍ଡିଂ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା କେତେକ ଖଣି କମ୍ପାନୀ ସମର୍ଥକ ତାଙ୍କୁ ମାରପିଟ୍ କରିବା ସହ ତାଙ୍କ ମୋବାଇଲ୍ ଛଡାଇ ନେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଶେଷରେ ପୋଲିସ ସେହି ଲୋକଙ୍କୁ ସେଠାରୁ ହଟାଇ ଦେଇଥିଲା । ଘଟଣାସ୍ଥଳରେ ବଡବିଲ୍ ଏସ୍‌ଡିପିଓ ସତ୍ୟ ବିକାଶ ଭୂୟାଁ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏନେଇ ଧରିତ୍ରୀରେ ତା ୫।୧୨।୨୦୧୯ ରିଖରେ 'ଖଣିରେ ନିଯୁକ୍ତି ଓ ପରିବହନ ବିବାଦ, ଦୁଇ ଗୋଷ୍ଠୀ ମୁହାଁମୁହିଁ, ଉତ୍ତେଜନା' ଶୀର୍ଷକରେ ଏକ ଖବର ପ୍ରକାଶିତ ହୋଇଥିଲା।

# ପୋଲିସ ଦମ୍ପତିଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

କେନ୍ଦୁଝର/ପାଟଣା, ୫।୧୨ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାରେ ପୋଲିସ ବିଭାଗରେ କାମ କରୁଥିବା ପୋଲିସ ହାବିଲଦାର ଓ କନେଷ୍ଟବଳ ସ୍ତ୍ରୀ ଆୟବର୍ହିଭୁତ ସମ୍ପତି ଠୁଳ କରିଥିବା ଅଭିଯୋଗରେ ବିଭିନ୍ନ ସ୍ଥାନରେ ଥିବା ତାଙ୍କ ଘରେ ଓ ଅଫିସରେ ଗୁରୁବାର ସକାଳୁ ଏକ ସାଙ୍ଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ ହୋଇଛି। ସେମାନଙ୍କ ନାମ ବିଶନାଥ ମହାନ୍ତ ଓ ଖଗେଶରୀ ମହାନ୍ତ ବୋଲି ଜଣାପଡିଛି। ଭିଜିଲାନ୍ସ ବିଭାଗର ୪ଟିଦଳ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି। ସ୍ଥାନୀୟ ଢାଙ୍ଗରପଡା ନିକଟ ଅରୋ ବିହାର ସ୍ଥିତ ବାସଭବନ, ଜିଲା ପୋଲିସ ଅଫିସ, ପାଟଣା ବ୍ଲକ ବାର ଟୁନିଆ ଓ ରେଙ୍ଗାଲବେଡା ଗ୍ରାମ ସ୍ଥିତ ବାସଭବନରେ ଏକ ସଙ୍ଗରେ ଚଢ଼ାଉ ଜାରି ରହିଥିବା ଭିଜିଲାନ୍ସ ଇନ୍ସପେକ୍ଟର ହେମାମାଳିନୀ ନାୟକ ସୂଚନା ଦେଇଛନ୍ତି। ଏହି ଚଢ଼ାଉରେ ବାଲେଶର ଭିଜିଲାନ୍ସ ଓ କେନ୍ଦୁଝର ଭିଜିଲାନ୍ସ ବିଭାଗର କର୍ମଚାରୀ ମାନେ ସାମିଲ ହୋଇଛନ୍ତି। ଏଥିରେ କେନ୍ଦୁଝର ଭିଜିଲାନ୍ସ ଡିଏସପି ଦେବଦତ୍ତ ସେଠ , ଏସ ଆଇ ବିକେ ନାଏକ, ଲକ୍ଷ୍ମୀ ନାରାୟଣ ମୁଖୀ ପ୍ରମୁଖ ସାମିଲ ହୋଇଛନ୍ତି। ଏଥିନେଇ ବାଲେଶ୍ୱର ଜିଲା ଭିଜିଲାନ୍ସ ଏସ୍‌ପି ସୁନୀଲ କୁମାର ସେନାପତିଙ୍କୁ ପଚାରିବାରୁ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୬୮ଲକ୍ଷ ଟଙ୍କାର ବୋଲି ବିଭାଗ ତରଫରୁ ଆକଳନ କରାଯାଇଛି।

# ଆନନ୍ଦପୁର ଡାକ୍ତରଖାନାରେ କାୟାକଳ୍ପ ଟିମ୍

## ସବୁ ବିଭାଗ ବୁଲି ସ୍ୱଚ୍ଛତାର ସ୍ଥିତି ପରଖିଲେ

ଘସିପୁରା , ୫।୧୨ (ଡି.ଏନ.ଏ.)-

କେନ୍ଦ୍ରୀୟ ଯୋଜନା 'କାୟାକଳ୍ପ'ର ଏକ ସ୍ୱତନ୍ତ୍ର ଟିମ ଗୁରୁବାର ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପହଞ୍ଚି ସ୍ୱଚ୍ଛତାର ସ୍ଥିତି ପରଖିଛନ୍ତି। ଏହି ଟିମ୍ ପହଞ୍ଚିବା ପରେ ଉପଖଣ୍ଡ ଡାକ୍ତରଖାନା ବେଶ ଚଳଚଞ୍ଚଳ ହୋଇ ଉଠିଥିଲା। ଟିମ୍‌ର ଗସ୍ତକୁ ଦୃଷ୍ଟିରେ ରଖି ପ୍ରାୟ ଏକ ମାସ ହେବ ଉପଖଣ୍ଡ ଡାକ୍ତରଖାନାକୁ କର୍ତ୍ତୃପକ୍ଷ ନୂଆ ରୂପରେ ସଜାଇଥିଲେ। ଯୁଗ୍ମ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ନାୟକଙ୍କ ନେତୃତ୍ୱରେ ଟିବିଏଚ୍‌ଆଇବି କୋର୍ଡିନେଟର ଡା. ବିକାଶ ପଟ୍ଟନାୟକ, ୟୁନିସେଫ କନସଲଟାଣ୍ଟ ହୀରାଲାଲ ନାୟକ, କାୟାକଳ୍ପ ଜିଲା ମୁଖ୍ୟ ଅଭିଷେକ ଷଡ଼ଙ୍ଗୀ, ଜିଲା ଟୀକା ପରିଚାଳକ ଗୋବିନ୍ଦ ମିଶ୍ର ପ୍ରମୁଖ ଅପରାହ୍ନ ପ୍ରାୟ ୪ଟା ସମୟରେ ଉପଖଣ୍ଡ ଡାକ୍ତରଖାନାରେ ପହଞ୍ଚିଥିଲେ। ପ୍ରଥମେ ଟିମ୍‌ର ସଦସ୍ୟମାନେ ଉପଖଣ୍ଡ ଡାକ୍ତରଖାନା ପରିସର, ରୋଷେଇ ଗୃହ, ଆବର୍ଜନା ନଷ୍ଟ ପାଇଁ ଉଦ୍ଦିଷ୍ଟ ବିଏମ୍‌ଡବ୍ଲ୍ୟୁ ଗୃହ, ପୁରୁଷ ଓ ମହିଳାଙ୍କ ୱାର୍ଡ, ଲାବରୋଟାରୀ, ରକ୍ତ ଭଣ୍ଡାର ଆଦି ପରିଦର୍ଶନ କରି ସ୍ୱଚ୍ଛତା ସମ୍ପର୍କରେ ଟିକିନିକି ପରଖିବା ସହ



କାୟାକଳ୍ପ ଟିମ୍‌ର ସଦସ୍ୟମାନେ ମେଡିକାଲ ପରିଦର୍ଶନ କରୁଛନ୍ତି।

ବିଭାଗୀୟ ଡାକ୍ତର ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ପରେ ଏହି ଟିମ ସ୍ୱତନ୍ତ୍ର ମାତୃଶିଶୁ ଡାକ୍ତରଖାନାକୁ ଯାଇ ସେଠାରେ ପ୍ରସୂତୀଙ୍କ ଚିକିତ୍ସାରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଉଛି କି ନାହିଁ ତାହା ଯାଞ୍ଚ କରିଥିଲେ। ଏହାର ରିପୋର୍ଟ ରାଜ୍ୟସ୍ତରରେ ତର୍ଜମା କରାଯିବା ପରେ ଉପରେ ଉପଖଣ୍ଡ ଡାକ୍ତରଖାନାକୁ କାୟାକଳ୍ପର ସ୍ୱତନ୍ତ୍ର ମାନ୍ୟତା ମିଳିବ କି ନାହିଁ ତାହା ସ୍ପଷ୍ଟ ହେବ। ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଧନେଶ୍ୱର ସେଠୀ ଉକ୍ତ ଟିମକୁ ଡାକ୍ତରଖାନାର ବିଭିନ୍ନ ବିଭାଗ ପରିଦର୍ଶନ କରାଇଥିଲେ।

### ଖରିଫ୍ ଧାନକିଣା ଆରମ୍ଭ

କେନ୍ଦୁଝର, ୫।୧୨(ଡି.ଏନ.ଏ.)

କେନ୍ଦୁଝର ଜିଲାରେ ଖରିଫ୍ ଧାନକିଣାର ଶୁଭାରମ୍ଭ କରାଯାଇଛି। ଗୁରୁବାର ନରଣପୁରଠାରେ ଧାନକିଣାର ଶୁଭାରମ୍ଭ ହୋଇଥିବା ଜଣାପଡିଛି। ଧାନ କ୍ରୟ କେନ୍ଦ୍ର ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେନ୍ଦୁଝର ଅତିରିକ୍ତ ଜିଲାପାଳ ଡ଼ଃ ଭକ୍ତଚରଣ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଜିଲାରେ ଚାଷୀଙ୍କ ପାଇଁ ୮୬ଟି ଧାନ କ୍ରୟ କେନ୍ଦ୍ର ଖୋଲା ଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଏହି ଧାନକ୍ରୟ କେନ୍ଦ୍ରରେ ନାମ ପଞ୍ଜୀକରଣ କରିଥିବା ୪୦୯୮୬ ଚାଷୀ ସେମାନଙ୍କର ଧାନ ବିକ୍ରୟ କରିପାରିବେ ବୋଲି ଜଣାପଡିଛି। ନରଣପୁର କେନ୍ଦ୍ରରେ ଧାନ ବିକ୍ରୟ ପାଇଁ ୧୭୩୨ଜଣ ଚାଷୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଧାନ କିଣାର ପ୍ରଥମ ଦିନରେ ରାମଚନ୍ଦ୍ରପୁର ଗ୍ରାମର ସବିତା ମହାନ୍ତ, ସହରପୁର ଗ୍ରାମର ପ୍ରଫୁଲ୍ଲ ମହାନ୍ତ ସେମାନଙ୍କ ଧାନ ବିକ୍ରୟ କରିଥିବା ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ମହେଶ୍ୱର ଚୌଧୁରୀ, ଏଆରସିଏସ୍ ପର୍ଶୁରାମ ପାତ୍ର, ଡିଆର୍‌ସିଏସ୍ ପ୍ରମୋଦ କୁମାର ବରିହା, ନରଣପୁର ଲ୍ୟାମ୍ପସ ଏମ୍‌ଡି ସୋମନାଥ ପଣ୍ଡା, ନରଣପୁର ବ୍ରାଞ୍ଚ ମ୍ୟାନେଜର ରଣଜିତ ସାହୁ ଏବଂ ଅନ୍ୟ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ।

### କୁରାଳ ପଞ୍ଚମୀରେ ଲକ୍ଷ୍ମୀ ନାରାୟଣ ପୂଜା

ଆନନ୍ଦପୁର,୫।୧୨(ସ୍ୱ.ପ୍ର.)

ଆନନ୍ଦପୁର ପୌରପରିଷଦ ଫକୀରପୁରରେ କୁମ୍ଭାରମାନଙ୍କ ଦ୍ୱାରା କୁରାଳ ପଞ୍ଚମୀ ତିଥିରେ ଲକ୍ଷ୍ମୀ ନାରାୟଣଙ୍କ ପୂଜା କରାଯାଉଛି। ଫକୀରପୁରର ରଣା ସାହିରେ ୨୦୧୮ ମସିହାରୁ ଏହି ପୂଜା ହୋଇଆସୁଛି। ଚଳିତ ବର୍ଷ ପୂଜକ ସନ୍ତୋଷ କୁମାର କର, ମହେଶ କୁମାର ହୋତା ପୂଜା ଦାୟିତ୍ୱ ସମ୍ପାଦନ କରିଥାନ୍ତି। କର୍ତ୍ତା ଭାବେ ମାୟାଧର ରଣା, ସପନ କୁମାର ରଣା, ସନ୍ତୋଷ ରଣା, ବିଷ୍ଣୁ ରଣା, ବଳରାମ ରଣା, ଅର୍ଜୁନ ରଣା ପ୍ରମୁଖ ପୂଜା କାର୍ଯ୍ୟରେ କର୍ତ୍ତା ଭାବେ ରହିଛନ୍ତି। ସେହିଭଳି ବହୁପୁରୁଣା ଅନୁଷ୍ଠାନ ଭାବେ ୨୦୦୩ ମସିହାରୁ ୧୦ ନଂ ୱାର୍ଡର କୁମ୍ଭାର ସାହିରେ ଏହି ପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଆନନ୍ଦ ହୋତା, କାହ୍ନୁ ଚରଣ କର, ମିଥୁନ କର ପୂଜା କାର୍ଯ୍ୟ କରୁଥିବାବେଳେ କପିଳ ଚନ୍ଦ୍ର ସାହୁଙ୍କ ଦ୍ୱାରା ଏହି ପୂଜା ଦାୟିତ୍ୱ ପାଳିତ ହେଉଛି। ଏହି ଅବସରରେ କୁମ୍ଭାର ଶାଳରେ ଥିବା କଳ ମାଟି ପାତ୍ର ତିଆରି ସ୍ଥାନ, ନାଲି ମାଟି ପାତ୍ର ତିଆରି ସ୍ଥାନରେ ପୂଜା କରାଯିବା ସହିତ ମାଟିରେ ତିଆରି ଚକ୍ର ପୂଜା କରାଯାଇଥାଏ। ଫକୀରପୁରରେ ମାଟିରେ ତିଆରି ପାତ୍ରର ଚାହିଦା ରହିଥିବାବେଳେ ଏହାର ବଜାର ଚାହିଦା କମିବାରେ ଲାଗିଛି। ଫଳରେ କୁମ୍ଭାରମାନଙ୍କ ଜୀବନ ଅତିବାହିତ କରିବା କଷ୍ଟକର ହୋଇପଡିଛି।

# ବ୍ଲକସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ

ଚମ୍ପୁଆ, ୫।୧୨(ଡି.ଏନ.ଏ)-

ଚମ୍ପୁଆ ବ୍ଲକ କୃଷି କାର୍ଯ୍ୟାଳୟ ସଭା ଗୃହଠାରେ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ବ୍ଲକ ସ୍ତରୀୟ ଏହି ମୃତ୍ତିକା ଦିବସରେ ୧୨୦ଜଣ ଚାଷୀ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମ୍ୟାନ ରମଣୀ ନାଏକ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲ, ପ୍ରମୁଖ ଯୋଗଦେଇଥିଲେ। ଜିଲା କୃଷି ଅଧିକାରୀ ଗଜେନ୍ଦ୍ରନାଥ ଗୋଚ୍ଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦିବସରେ ଫସଲ ହାର ଅଭିବୃଦ୍ଧିପାଇଁ ୧୭ଟି ମୁଖ୍ୟ ଉପାଦାନର ଅବଶ୍ୟକତା, ମାଟି ପରୀକ୍ଷା କରାଯାଇ ଆବଶ୍ୟକୀୟ ପରିମାଣର ଖାଦ୍ୟ ସାର ପ୍ରୟୋଗ, ୩ବର୍ଷରେ ଥରେ ମାଟି ପରୀକ୍ଷା କରିବା, ମାଟିର ନମୁନା ସଂଗ୍ରହ ପ୍ରଣାଳୀ, ଗ୍ରେଡ ଅନୁଯାୟୀ ନମୁନା ସଂଗ୍ରହ ଆଦି ଉପରେ ଅତିଥିମାନେ ମତ ରଖିଥିଲେ। ବିଭିନ୍ନ ସ୍ଥାନରେ ବିଭିନ୍ନ କିସମର ମାଟି ରହୁଥିବା ବେଳେ ଚାଷୀମାନେ ପର୍ଯ୍ୟାୟ କ୍ରମେ ଫସଲ ପରିବର୍ତ୍ତନ କରୁଥିବାରୁ ମାଟି ପରୀକ୍ଷା ଏକ ଅପରିହାର୍ଯ୍ୟ ବୋଲି ଜିଲା କୃଷି ଅଧିକାରୀ ଗୋଚ୍ଛାୟତ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ କୃଷି ଅଧିକାରୀ ଅବିନାଶ ବେହେରା, ପ୍ରିୟଙ୍କା ପ୍ରିୟଦର୍ଶନୀ ମିଶ୍ର ଓ ଅଙ୍କିତା ରୂପ ପରିଚାଳନା କରିଥିବା ବେଳେ ସମସ୍ତ କୃଷି କର୍ମଚାରୀ ସହଯୋଗ କରିଥିଲେ।

# ୯ ଦଫା ଦାବି ନେଇ ଅଙ୍ଗନୱାଡି କର୍ମୀଙ୍କ ବିକ୍ଷୋଭ



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଚମ୍ପୁଆ, ୫।୧୨(ଡି.ଏନ.ଏ.)

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର ଆସୋସିଏଶନ ଓ ରାଜ୍ୟ ଆଶା କର୍ମୀ ସଂଘପକ୍ଷରୁ ଚମ୍ପୁଆ ବ୍ଲକର ଅଙ୍ଗନୱାଡି କର୍ମୀ ୯ ଦଫା ଦାବି ନେଇ ଓ ଆଶା କର୍ମୀ ମାନେ ୭ ଦଫା ଦାବି ନେଇ ବିକ୍ଷୋଭ କରିବା ସହିତ ଚମ୍ପୁଆ ଉପଜିଲ୍ଲାପାଳ ପ୍ରତାପ ପ୍ରତିମୟଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁସାରେ ରାଜ୍ୟ ଆୟୋଜକ ସମ୍ପାଦକ (ବି.ଏମ.ଏସ) ଗିରିଶ ମହାନ୍ତ, ଅଲ ଇଣ୍ଡିଆ ନିର୍ମାଣ ଶ୍ରମିକ ସମ୍ପାଦକ ବସନ୍ତ ସାହୁ, ରାଜ୍ୟ ସମ୍ପାଦକ (ବି.ଏମ.ଏସ) ଡାକ୍ତର ମହାନ୍ତ, ଜିଲା ସଭାପତି ଉମାକାନ୍ତ ଦାସ, ଜିଲା ସମ୍ପାଦକ ବିବେକ ମହାନ୍ତ, ରାଜ୍ୟ ଅଙ୍ଗନୱାଡି ସମ୍ପାଦିକା ସୁମିତା ମହାପାତ୍ର, ଯୋଡା ବ୍ଲକ ସଭାପତି ବାବୁଲାଲ ମହାନ୍ତ ଚମ୍ପୁଆ ବ୍ଲକ ସମ୍ପାଦକ ଅର୍ଜୁନ ବେହେରାଙ୍କ ନେତୃତ୍ୱରେ ବହୁ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ମାନେ ନିୟମିତ ଟିଏଡିଏ ପ୍ରଦାନ, ଆବଶ୍ୟକ ଚାଉଳ ଯୋଗାଇଦେବା, ମିନି ଅଙ୍ଗନୱାଡି ପାଇଁ ଶ୍ରେଣୀ ଗୃହ ନିର୍ମାଣ, ସୁପରଭାଇଜର ଓ ସିଡିପିଓଙ୍କ ମନମୁଖୀ ଶାସନ ଓ ଅଶ୍ଲୀଳ ଭାଷା ବନ୍ଦ, କେନ୍ଦ୍ର କାର୍ଯ୍ୟରେ ସରକାର ନିୟମକୁ ସି.ଡି.ପି.ଓଙ୍କ ଅଣଦେଖା, ଖର୍ଚ୍ଚ ପୂର୍ବରୁ ଏସ.ଏମ.ପି ରାଶି ପ୍ରଦାନ, ମିନି ଅଙ୍ଗନୱାଡି କର୍ମିଙ୍କୁ ଅଙ୍ଗନୱାଡିର ମାନ୍ୟତା ଆଦି ଦାବିପ୍ରଦାନ କରିଥିଲେ। ଏତଦବ୍ୟତୀତ ଜଣେ ଅଙ୍ଗନୱାଡି କର୍ମୀଙ୍କୁ ଦୁର୍ବ୍ୟବହାର ଆଦି ସମ୍ପର୍କରେ ଉପଜିଲାପାଳଙ୍କୁ ସୂଚନା ପ୍ରଦାନ କରାଯାଇଥିଲା। ଦୁର୍ବ୍ୟବହାର ଘଟଣାର ତଦନ୍ତ କରାଯିବ ବୋଲି ଉପଜିଲାପାଳ ସୂଚନା ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଙ୍ଗନୱାଡି ଓ ଆଶା କର୍ମୀମାନେ ଏକ ବିରାଟ ରାଲିରେ ଚମ୍ପୁଆ ବ୍ଲକରୁ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଦାବିପତ୍ର ପ୍ରଦାନ କରିଥିଲେ।

## ■ବଡବିଲ ବାଇପାସ ରିଂ ରୋଡ ଦାବି ଘଟଣା

# ଅନଶନ ଚେତାବନୀ ପରେ ପ୍ରଶାସନ ବ୍ୟତିବ୍ୟସ୍ତ

ବଡବିଲ, ୫।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲରେ ବାଇପାସ ରିଂ ରୋଡ ନିର୍ମାଣ ଦାବିର ଆନ୍ଦୋଳନ ଦିନକୁ ଦିନ ତୀବ୍ର ରୂପ ନେବାରେ ଲାଗିଛି। ସେଥିନେଇ ଗତ ୨୦୧୮ ମସିହା ଜୁନ ମାସ ୧୩ ତାରିଖରେ ଜିଲାପାଳଙ୍କୁ ପତ୍ରାଳାପ କରିଥିଲା। ଏହାବ୍ୟତୀତ ସିଭିଲ ସୋସାଇଟି ପକ୍ଷରୁ ଗତ ଅକ୍ଟୋବର ମାସରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ହଜାରରୁ ଊର୍ଦ୍ଧ୍ୱ ପୋଷ୍ଟକାର୍ଡ ପ୍ରେରଣକରି ଦାବି ଉପସ୍ଥାପନା କରିବା ସହ ରାଜ୍ୟସରକାରଙ୍କ ମୁଖ୍ୟ ସଚିବଙ୍କୁ ପତ୍ରାଳାପ କରି ବିଫଳ ହୋଇଥିଲେ। ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଅଞ୍ଚଳ ପ୍ରତି ବୈମାତୃକ ମନୋଭାବର ପ୍ରତିବାଦ ସ୍ୱରୂପ ଗତ ନଭେମ୍ବର ୧୮ ତାରିଖରେ ରାଜ୍ୟ ସୀମାନ୍ତ ନାଲଦାରୁ ପଦଯାତ୍ରା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସିଭିଲ ସୋସାଇଟୀ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ନଭେମ୍ବର ୧୯ ତାରିଖ ଓ ୨୦ ତାରିଖ ଦୁଇ ଦିନ ଧରି ଗଣ ଧାରଣା ଦେଇଥିଲେହେଁ ପ୍ରଶାସନର କୌଣସି ଦୃଷ୍ଟି ପଡ଼ି ନ ଥିଲା। ବାଇପାସ ରିଂ-ରୋଡ ନିର୍ମାଣ ନେଇ ଜିଲାପାଳ କୌଣସି ଏକ ନିଶ୍ଚିତ ସିଦ୍ଧାନ୍ତରେ ପହଞ୍ଚି ପାରି ନ ଥିଲେ ବୋଲି ଆନ୍ଦୋଳନର ଆବାହକ ଅଶୋକ ଠକର କହିଛନ୍ତି। ଫଳରେ ନଭେମ୍ବର ୨୫ ତାରିଖରେ ଆନ୍ଦୋଳନର ଆଗାମୀ ରୂପରେଖ ନେଇ ସିଭିଲ ସୋସାଇଟି ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଗୁଡିକର ସଦସ୍ୟଙ୍କୁ ନେଇ ଆଲୋଚନା ବୈଠକ କରି ଡିସେମ୍ବର ୬ ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ପାଇଁ ନିଷ୍ପତ୍ତି ନେଇଥିଲା ଓ ଏ ନେଇ ଜିଲାପାଳଙ୍କୁ ଅବଗତ କରିଥିଲା। ତେବେ ଆମରଣ ଅନଶନ ଦିନ ପାଖେଇ ଆସିବା ବେଳକୁ ପ୍ରଶାସନ ବ୍ୟତିବ୍ୟସ୍ତ ହୋଇପଡିଥିବା ଜଣାପଡିଛି। ଏନେଇ ଗୁରୁବାର ଅପରାହ୍ନ ସାଢେ ୫ଟା ବେଳେ ସିଭିଲ ସୋସାଇଟିର ଆବାହକ ଅଶୋକଙ୍କୁ ଆନ୍ଦୋଳନ ନ କରି ଆଲୋଚନା ମାଧ୍ୟମରେ ସମାଧାନର ବାଟ କାଢିବାକୁ ପତ୍ରାଳାପ କରିଛନ୍ତି। ଏଥିସହ ଅନ୍ୟ ଏକ ପତ୍ରରେ ଆମରଣ ଅନଶନକୁ ବେଆଇନ ବୋଲି ଦର୍ଶାଇବା ସହ ଆନଶନରେ ବସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ କରାଯାଇଛି।

### ଗୋଷ୍ଠୀ ସାଧନ କେନ୍ଦ୍ରରେ ଭିନ୍ନକ୍ଷମ ଦିବସ

ଆନନ୍ଦପୁର,୫।୧୨(ସ୍ୱ.ପ୍ର.)

ଆନନ୍ଦପୁର ଗୋଷ୍ଠୀ ସାଧନ କେନ୍ଦ୍ରରେ ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆନନ୍ଦପୁର ସମାଜ କଲ୍ୟାଣ ଅଧିକାରୀ ଡ.ଶମ୍ଭୁନାଥ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏବିଇଓ ଚତୁର୍ଭୁଜ ପହି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିପାଇଁ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଓ ବିଭିନ୍ନ ଖେଳ ଅନୁଷ୍ଠିତ ହୋଇଥିଲା। ସଭା ପରେ କୃତୀ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# 'ମାଟିର ସୁରକ୍ଷା କରିବା ଜରୁରୀ'

କେନ୍ଦୁଝର, ୫।୧୨ (ସ୍ୱ.ପ୍ର./ଡି.ଏନ.ଏ.)

ସ୍ଥାନୀୟ କୃଷି ସୂଚନା ପରାମର୍ଶ କେନ୍ଦ୍ର ପରିସରରେ ଗୁରୁବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ଚିତ୍ତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଓମ ପ୍ରକାଶ ରଥ, କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା ସଂଯୋଜକ ସୁକାନ୍ତ କୁମାର ସାହୁ, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ତୁଷାର ମହାନ୍ତି, କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରର ଅଧକ୍ଷ ଲକ୍ଷ୍ମୀକାନ୍ତ ଶତପଥୀ, ମୃତ୍ତିକା ରସାୟନବିତ ହେମନ୍ତ କୁମାର ସାମଲ ଅତିଥି ଭାବରେ ଯୋଗ ଦେଇ ବର୍ତ୍ତମାନ ସମୟରେ ମାଟିର ଅବସ୍ଥା ଓ ଏହାର ସୁରକ୍ଷା କରିବାର ଆବଶ୍ୟକତା ବିଷୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ କୃଷି ଅଧିକାରୀ ସଦର ବ୍ଲକ, ଯୁଗଳ କିଶୋର ପାତ୍ର, ବିଭିନ ଅଞ୍ଚଳରୁ ଶତାଧିକ ଚାଷୀ ଓ କର୍ମଚାରୀ ଯୋଗ ଦେଇଥିଲେ। ମୃତ୍ତିକାର ସୁରକ୍ଷା କରିବା ଓ ଭବିଷ୍ୟତ ସୁରକ୍ଷା କରିବା ଚଳିତ ବର୍ଷର ଥିମ ରଖାଯାଇଛି। ବର୍ତ୍ତମାନ ସମୟରେ ମାଟିର ସୁରକ୍ଷା ଜରୁରୀ। ରାସାୟନିକ ସାର ବ୍ୟବହାର ଯୋଗୁଁ ମାଟିର ଉର୍ବରତା ନଷ୍ଟ ହୋଇ ଉତ୍ପାଦନ ହ୍ରାସ ପାଉଥିବାରୁ ଚିନ୍ତା ପ୍ରକଟ ପାଉଛି। ଗତ ଚାରି ବର୍ଷରେ ଜିଲାରେ ୪ ଲକ୍ଷ ୨୦ ହଜାର ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ମାଟି ଉପରେ ସଚେତନତା ସୃଷ୍ଟି କରି ଖାଦ୍ୟ ସାର ପରିଚାଳନା କରାଯାଉଛି। ଚାଷୀମାନଙ୍କୁ ଏନେଇ ସୁସ୍ଥ ମାଟି ପ୍ରସ୍ତୁତ ଉପରେ ସେମାନଙ୍କ ଅଞ୍ଚଳକୁ ଯାଇ ତାଲିମ ଦିଆଯାଉଥିବା କହିଛନ୍ତି। ଜିଲାରେ ୫୫ ଭାଗ ଅମ୍ଳ ମାଟି ରହିଛି। ମାଟିରେ ଅଣୁ ଜୀବମାନଙ୍କ ଭୂମିକା ଅଧିକ। ଏଣୁ ସେମାନଙ୍କୁ ଜୈବିକ ସାର ପ୍ରୟୋଗ କରି ଖାଦ୍ୟ ଯୋଗାଇ ଦିଆଯାଇଥାଏ ବୋଲି ଅତିଥିମାନେ କହିଥିଲେ। ମାଟିର ସୁରକ୍ଷା କରା ନ ଗଲେ ଫସଲ ଉତ୍ପାଦନରେ ବାଧା ସୃଷ୍ଟି ହେବ । ଏଣୁ ମାଟିର ସୁରକ୍ଷା କରିବା ପାଇଁ ସମସ୍ତେ ସଚେତନ ହେବା ସହ ଶପଥ ନେବାକୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା କୃଷି ଯନ୍ତ୍ରପାତି ତଥା ଜ୍ଞାନ କୌଶଳର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସମ୍ବାରୀଙ୍କୁ ମିଳିଲା ସହାୟତା



ସମ୍ବାରି ଡାକୁଆଙ୍କୁ ସାମାଜିକ କର୍ମୀଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି।

ହାଟଡିହୀ,୫।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଦଗଡ ପଞ୍ଚାୟତ ଘାଟସାହିର ଅସହାୟ ଗରିବ ମହିଳା ସମ୍ବାରି ଡାକୁଆ (୪୩) ଅତି ଦୟନୀୟ ଭାବେ ଜୀବନ ଯାପନ କରନ୍ତି। ଦୀର୍ଘ ଦିନ ହେବ ଏକ ଅଜଣା ରୋଗରେ ଯନ୍ତ୍ରଣା ସହି ଛଟପଟ ହେଉଥିବାବେଳେ ଅର୍ଥ ଅଭାବରୁ ତାଙ୍କର ଚିକିତ୍ସା ହୋଇପାରୁନଥିଲା। ତାଙ୍କ ସ୍ୱାମୀ ତାଙ୍କୁ ଛାଡି ଦେଇ ଚାଲିଯିବା ପରେ ସେ ତାଙ୍କ ବାପଘରକୁ ପଳାଇଆସି ନିଜ ବୃଦ୍ଧା ମା'ଙ୍କ ପାଖରେ ରହୁଥିଲେ। ଘର ଖଣ୍ଡିକ ବ୍ୟତୀତ ଏମାନଙ୍କର ସମ୍ବଳ ଆଉ କିଛି ନାହିଁ। ଅନାହାରରେ ଦୁଇ ମା' ଓ ଝିଅ ବହୁ ସମୟରେ ଦିନ କାଟିଥାନ୍ତି। ଏହାକୁ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ୩୪ ନଂ ଜୋନ୍ ଜିଲାପରିଷଦ ସଦସ୍ୟା ଟିକି କିସ୍କୁ, ସମ୍ବାରିଙ୍କ ଚିକିତ୍ସା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ପରେ ମହିଳ ସମାଜ ସେବିକା ସୁରେଶ୍ୱେରୀ ସାଗରିକା ଜେନା, ଯୁବ ସାମାଜିକକର୍ମୀ ଉମାକାନ୍ତ ରାଉତ, ଶ୍ରୀକୁମାର ମିଶ୍ର, ଜ୍ୟୋତିରଞ୍ଜନ ଜେନା, ଦେବରାଜ ସାହୁ ପ୍ରମୁଖ ସମ୍ବାରିଙ୍କୁ ପ୍ରଥମେ ଆନନ୍ଦପୁର ଓ ପରେ କଟକ ନେଇ ଚିକିତ୍ସା କରାଇଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଡିସେମ୍ବର ୬/୨୦୧୯ Balasore, Friday, December 6/2019

# ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ରୂପ୍‌ସା, ୫।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଗୁରୁବାର ସିଂଲା ଥାନାରେ ପୋଲିସ ଏକ ମାମଲା (ନଂ. ୨୧୨/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତ ନଭେମ୍ବର ୪ ତାରିଖରେ ଛାତ୍ରୀ ଜଣକ କଲେଜ ଯାଉଥିବାବେଳେ ସ୍ଥାନୀୟ ଅଞ୍ଚଳର ଜଣେ ବିବାହିତ ଯୁବକ ତାଙ୍କୁ ଅପହରଣ କରିଥିବା ଏତଲାରେ ଦର୍ଶାଯାଇଛି। ଏକମାସ ଧରି ପରିବାର ଲୋକେ ଖୋଜାଖୋଜି ପରେ ବିଫଳ ହେବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଆଇଆଇସି ସୁବ୍ରତ କୁମାର ବେହେରା ଅପହୃତା ଛାତ୍ରୀଙ୍କୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରାଯିବା ପାଇଁ ପଦକ୍ଷେପ ନିଆଯାଉଥିବା ପ୍ରକାଶ କରିଛନ୍ତି।

# ମିଳିଲାନି କୁକୁର କାମୁଡ଼ା ଇଞ୍ଜେକ୍ସନ

## ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ମାତାପିତାଙ୍କ ଧାରଣା

**ଖଇରା, ୫।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର କାମୁଡା ଇଞ୍ଜେକ୍ସନ ନ ମିଳିବାରୁ ରଘୁନାଥପୁର ଗ୍ରାମର ସୁଭଦ୍ରା ଲେଙ୍କା ତାଙ୍କ ସ୍ୱାମୀ ଏବଂ ଶିଶୁପୁତ୍ର ସହ ଧାରଣାରେ ବସିଥିଲେ। ପରେ ଦାୟିତ୍ୱରେ ଥିବା ଡାକ୍ତର ଏନୋଲା ଜଗଦେବ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିବା ପରେ ସେମାନେ ଧାରଣାରୁ ଉଠିଥିଲେ। ଗୁରୁବାର ସକାଳେ ସୁଭଦ୍ରାଙ୍କ ୧୦ବର୍ଷର ପୁଅ ପ୍ରଶାନ୍ତଙ୍କୁ ଏକ କୁକୁର କାମୁଡିଥିଲା। ଇଞ୍ଜେକ୍ସନ ପାଇଁ ସୁଭଦ୍ରା ସ୍ୱାମୀଙ୍କ ସହ ପୁଅକୁ ନେଇ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦାୟିତ୍ୱରେ ଥିବା କର୍ମଚାରୀ ଇଞ୍ଜେକ୍ସନ ନାହିଁ ବୋଲି କହିବା ପରେ ଏଥିରେ ସ୍ତ୍ରୀ, ସ୍ୱାମୀ ବିଚଳିତ ହୋଇପଡିଥିଲେ। ବହୁ ଅନୁରୋଧ ପରେ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷଙ୍କ ନିକଟରୁ କୌଣସି ସାହାରା ମିଳି ନ ଥିଲା। ପରେ ସେମାନେ ବାଧ୍ୟ ହୋଇ ଧାରଣାରେ ବସିଥିଲେ। ସ୍ଥାନୀୟ ବୁଦ୍ଧିଜୀବୀ ଓ ବ୍ୟବସାୟୀମାନେ ତାଙ୍କୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ସରକାର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ୫ଟି ଲାଗୁ କରିଥିବା ବେଳେ ଇଞ୍ଜେକ୍ସନ ପାଇଁ ଲୋକମାନେ ହଇରାଣ ହେଉଥିବା ଅଭିଯୋଗ ହେଉଛି।


ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସୁଭଦ୍ରାଙ୍କ ପରିବାର।

# ଚାକିରିରେ ଯୋଗଦେବା ପୂର୍ବରୁ ଚାଲିଗଲା ଜୀବନ

ଭଦ୍ରକ ଅଫିସ, ୫।୧୨

ମନରେ ନୂଆ ଆଶା ନେଇ ଚାକିରିରେ ଯୋଗଦେବା ପାଇଁ ଯାଉଥିଲେ। ହେଲେ ଖୁସି ଅଧା ବାଟରେ ଅଟକିଲା। ବିଧିର ବିଧାନ ଥିଲା ଅଲଗା। ନୂଆ ଚାକିରିରେ ଯୋଗଦେବା ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ନୂଆଶାସନ ଅଞ୍ଚଳର ରାଜେନ୍ଦ୍ର ସାହୁ(୨୪)ଙ୍କ ଜୀବନ। ଭଦ୍ରକ ବ୍ଲକ ଅନ୍ତର୍ଗତ ନୂଆଶାସନ ଅଞ୍ଚଳର ରାଜେନ୍ଦ୍ର ଗୁରୁବାର ଢେଙ୍କାନାଳର ଏକ ଘରୋଇ ମୋବାଇଲ କମ୍ପାନୀରେ ରେଜିଓନାଲ ମ୍ୟାନେଜର୍ ଭାବେ ଯୋଗଦେବା ପାଇଁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ସୂଚନା ଅନୁସାରେ, ରାଜେନ୍ଦ୍ର ଓ ତାଙ୍କ ସାଙ୍ଗ ନିରଞ୍ଜନ ତ୍ରିପାଠୀ ବାଇକ୍‌ରେ ଭଦ୍ରକ ଆସୁଥିଲେ। ଭଦ୍ରକ-ଚାନ୍ଦବାଲି ରାସ୍ତାର ନଛିପୁର ଛକ ନିକଟରେ ସମ୍ମୁଖ ପଟରୁ ଏକ ହାଇୱା ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ରାଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ନିରଞ୍ଜନଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ, ଦିଅର ଅଟକ

ବାହାନଗା, ୫।୧୨(ଡି.ଏନ.ଏ.)

ଖନ୍ତାପଡ଼ା ଥାନା ଅଧୀନ ରେମୁଣା ବ୍ଲକ ଅଞ୍ଚଳର ଜଣେ ବିଧବା ମହିଳାଙ୍କୁ ତାଙ୍କ ଦିଅର ବଳାତ୍କାର କରିଥିବା ଖନ୍ତାପଡା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୩୮୫/୧୯) ରୁଜୁ କରି ଦିଅରଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟପକ୍ଷରେ ମହିଳାଙ୍କ ଅଭିଯୋଗ ମିଥ୍ୟା। ସେ ଜମିଜମା ବିବାଦ ନେଇ ଦିଅରଙ୍କ ନାମରେ ଏଭଳି ଅଭିଯୋଗ କରିଥିବା ମହିଳାଙ୍କ ଶଶୁର ଗୁରୁବାର ବୋହୂ ନାମରେ ପାଲଟା ଅଭିଯୋଗ କରିଛନ୍ତି। ଶଶୁରଙ୍କ ଅଭିଯୋଗକୁ ଭିତ୍ତି କରି ଆଉ ଏକ ମାମଲା(ନଂ. ୩୮୬/୧୯) ରୁଜୁ ହୋଇଛି।

ଅଭିଯୋଗ ଅନୁଯାୟୀ, ଉକ୍ତ ମହିଳା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ଘର ନିର୍ମାଣ କରିଛନ୍ତି। ସେ ବୁଧବାର ଅପରାହ୍ଣରେ କାନ୍ଥରେ ପାଣି ଦେଉଥିବା ବେଳେ ପଛପଟୁ ତାଙ୍କ ଦିଅର ଧରି ପକାଇବା ସହ ବଳାତ୍କାର କରିଥିଲେ। ଅନ୍ୟପକ୍ଷରେ ସାନପୁଅ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି ମହିଳାଙ୍କ ଶଶୁର ଅନ୍ୟ ଏକ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମହିଳାଙ୍କ ସ୍ୱାମୀ ୨୦୧୩ରେ ସାପ କାମୁଡାରେ ମୃତ୍ୟୁବରଣ କରିଥିଲେ।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ